


## ସଂକ୍ଷେପରେ

### ପଞ୍ଚାୟତ ସମିତି ବୈଠକ



**ବସ୍ତା, ୯।୧୧(ସ୍ୱ.ପ୍ର.):** ବସ୍ତା ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସଙ୍କ ପୌରୋହିତ୍ୟରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବସ୍ତା ବିଡ଼ିଓ କୁକୁମିନା ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଏମ୍‌ପି ପ୍ରତିନିଧି ମହାଦେବ ଦାସ, ଜିଲାପରିଷଦ ସଦସ୍ୟ ତ୍ରିଲୋଚନ ବେହେରା, ନବକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ରହି ବସ୍ତା ପଞ୍ଚାୟତ ସମିତିର ବିଭିନ୍ନ ସମସ୍ୟା ପାନୀୟଜଳ, ଖାଦ୍ୟ ସୁରକ୍ଷା ଯୋଜନା ବିଷୟରେ ବିଭିନ୍ନ ବିଭାଗର ଯନ୍ତ୍ରୀ ତଥା ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିବା ସହିତ ଚାଲୁ ରହିଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମର ତଦାରଖ କରିଥିଲେ।

### ନିର୍ମାଣ ମଜଦୁର ସଭାର ବାର୍ଷିକ ସମ୍ମିଳନୀ




**ବାଲେଶ୍ୱର ଅଫିସ, ୯।୧୧:** ବାଲେଶ୍ୱର ହିନ୍ଦ୍ ମଜଦୁର ସଭା ତରଫରୁ ନିର୍ମାଣ ଶ୍ରମିକମାନଙ୍କର ଜିଲା ସମ୍ମିଳନୀ ସ୍ଥାନୀୟ ଗାନ୍ଧୀ ସ୍ମୃତିଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ହିନ୍ଦ୍ ମଜଦୁର ସଭାର ଜିଲା ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ନାଥ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟିପାତ କରିବା ସହ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସୁବିଧା ଯୋଗାଇବାରେ ବାଲେଶ୍ୱର ଜିଲା ପ୍ରଥମ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ହିନ୍ଦ ମଜଦୁର ସଭାର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ନିର୍ମାଣ ଶ୍ରମିକମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବେ ବୋଲି ପ୍ରକାଶ କରିଥିଲେ। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜିଲା ଶ୍ରମ ଅଧିକାରୀ କୁବେର ବେହେରା, ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ, ସମାଜସେବୀ ସୁବାସିନୀ ଜେନା, ଲକ୍ଷ୍ମୀଧର ସାହୁ, ପିତାମ୍ବର ମାଝୀ, ଗଦାଧର ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ଶୁଭଙ୍କର ମହାପାତ୍ର ପ୍ରମୁଖ ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଓ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ହିନ୍ଦ ମଜଦୁର ସଭା କାର୍ଯ୍ୟାଳୟ ଠାରୁ ବାହାରି ଗାନ୍ଧୀ ସ୍ମୃତି ଭବନ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ନିର୍ମାଣ ଶ୍ରମିକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଝଲସୁଛି ସୋର ଷ୍ଟେଶନ ମଣ୍ଡପ

**ସୋର, ୯।୧୧(ଡ଼ି.ଏନ.ଏ.):** ରେଳ ବିଭାଗ ତରଫରୁ ସୋର ରେଲୱେ ଷ୍ଟେଶନ ମଣ୍ଡପରେ ମା' କାଳୀଙ୍କ ପୂଜୋତ୍ସବ ଶହେ ବର୍ଷରେ ପହଞ୍ଚିଛି। ଏହାକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି । ରେଳପଥ, ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ନେଇ ସୋର ରେଳ ସେକ୍‌ସନ୍ କର୍ମଚାରୀଙ୍କ ପକ୍ଷରୁ ଏହି ପୂଜା ଦିର୍ଘଦିନ ଧରି ହୋଇଆସୁଛି । ଇଂ. ପ୍ରଦୀପ ଚନ୍ଦ୍ର ହେମ୍ବ୍ରମ, ଇଂ ଅତୁଲ କୁମାରଙ୍କ, ମହେଶ୍ୱର ଚୌଧୁରୀ, ସେକ୍ସନ୍‌ର ସମସ୍ତ କର୍ମଚାରୀ ଏହି ପୂଜା ହେଉଛି ।

## ରୋଗପୋକ ଦାଉ

# ଉଜୁଡ଼ି ଯାଉଛି ଧାନ ଫସଲ

- କାମ ଦେଉନି କୀଟନାଶକ
- ଉଜୁଡ଼ି ଯାଉଛି ପାଚିଲା ଧାନ
- ଚାଷୀକୁଳ ହତାଶ

**ନୀଳଗିର/ଔପଦା, ୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳର ଧାନ ଫସଲରେ ଏବେ ଚକଡା ପୋକ ଉପଦ୍ରବ ସାଙ୍ଗକୁ ମାଟିଆଗୁଣ୍ଡି, ମହିଷା ଓ ପତ୍ରପୋଡ଼ା ରୋଗ ଦେଖାଦେଇଛି। ଚାଷୀମାନେ କୀଟନାଶକ କିଣି ପ୍ରୟୋଗ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ରୋଗ ପୋକ ଲାଗିଥିବା ଧାନ ଜମିରେ ଫସଲ ସମ୍ପୂର୍ଣ୍ଣ ଉଜୁଡି ଯିବା ଆଶଙ୍କା ଦେଖା ଦେଇଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି।

ନୀଳଗିରି କୃଷିଜିଲା ଅଧୀନ ବିଭିନ୍ନ ଗାଁର ପାଚିଲା ଧାନକ୍ଷେତରେ ଚକଡା ପୋକ ଲାଗି ଶତାଧିକ ହେକ୍ଟର ଫସଲ ନଷ୍ଟ ହୋଇଛି। ସ୍ଥାନୀୟ କୃଷି ଅଧିକାରୀ ଭରତ ଚନ୍ଦ୍ର ନାଥ, ସହକାରୀ କୃଷି ଅଧିକାରୀ ସନାତନ ପ୍ରଧାନଙ୍କ ସମେତ ଗ୍ରାମସେବକମାନେ ସେଠାକାର ବିଭିନ୍ନ ଚାଷ ଜମି ପରିଦର୍ଶନ କରି ଫେରିଛନ୍ତି। ସରକାରଙ୍କ ତରଫରୁ ସୁରଭି କେନ୍ଦ୍ରରେ ଅଧା ମୂଲ୍ୟରେ ମିଳୁଥିବା କୀଟନାଶକ କିଣି ଜମିରେ ପ୍ରୟୋଗ କରିବା ସକାଶେ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି କୃଷିଜିଲା ଅଧୀନ ଖରଡିଆ ଗାଁ ଓ ଏହା ଆଖପାଖରେ ଏହି ରୋଗପୋକର ପ୍ରାଦୁର୍ଭାବ ଅଧିକ ରହିଛି। ଏସବୁ



ରୋଗପୋକ ଦ୍ୱାରା ନଷ୍ଟ ହୋଇଥିବା ଧାନକ୍ଷେତ।

ଅଞ୍ଚଳରେ ଶତାଧିକ ହେକ୍ଟର ଫସଲ ଉଜୁଡି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଭାବିତ ଚାଷଜମିର ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ସକାଶେ ଜାମୁଡିହା ପଞ୍ଚାୟତ ଖରଡିଆ ଗାଁର ଅଜିତ କୁମାର ପତି, ବିଜୟ କୁମାର ସ୍ୱାଇଁ, ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ବହୁ ଚାଷୀ ଗୁରୁବାର ଉପଜିଲାପାଳଙ୍କ ସମେତ ତହସିଲଦାର ଓ କୃଷି ଅଧିକାରୀଙ୍କୁ ଭେଟି ଦାବି କରିଛନ୍ତି। ଚାଷୀମାନେ ଦର୍ଶାଇଛନ୍ତି ଯେ, ଖରିଫ ଚାଷ ପାଇଁ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଓ ଗାଁ ମହାଜନଙ୍କ ଠାରୁ ଋଣଆଣି ଚାଷରେ ଖଟାଇଥିଲେ। ଏବେ ଚକଡା ପୋକ ଫସଲ ଉଜାଡି ଦେଇଥିବାରୁ ସେମାନେ କିପରି ଋଣ ପରିଶୋଧ କରିବେ ଚିନ୍ତାରେ ପଡିଛନ୍ତି।

ସେହିପରି ଔପଦା ବ୍ଲକରେ ମାଟିଆଗୁଣ୍ଡି, ଚକଡ଼ା, ମହିଷା ଓ ପତ୍ରପୋଡ଼ା ଆଦି ରୋଗରେ ଶହ ଶହ ଏକର ଚାଷଜମି ପ୍ରଭାବିତ ହୋଇଛି। ଏହି ବ୍ଲକ ଅଧୀନ ଗଡ଼ସାହି ପଞ୍ଚାୟତ ଗଡ଼ସାହି ଗ୍ରାମର ନଟବର ଗିରି, ଜୟନ୍ତ ସେନାପତି, ମଙ୍ଗୁଲୁ ଖଣ୍ଡେଇ, ମଝିସାହି ଗ୍ରାମର ବିଷ୍ଣୁମୋହନ ପାତ୍ର, ତଳକିଆ ପଞ୍ଚାୟତ କସିଗଡ଼ିଆ ଗ୍ରାମର ବାବୁ ନାୟକ ପ୍ରମୁଖ କହିଛନ୍ତି ଯେ, କୃଷି ବିଭାଗ ପକ୍ଷରୁ ମିଳୁଥିବା କୀଟନାଶକ ପ୍ରୟୋଗ କଲେ ରୋଗ ପୋକ ନିୟନ୍ତ୍ରଣ ହେଉ ନାହିଁ। ଚାଷୀମାନେ ଫସଲ ବଞ୍ଚାଇବା ଆଶାରେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଗଡ଼ସାହି ଗ୍ରାମର କୃଷକ ସାଥୀ ଦୁର୍ଯୋଧନ ଖେଜୁରିଆ ଔପଦା କୃଷି ବିଭାଗ ଦେଇଥିବା କୀଟନାଶକ କାମ କରୁ ନ ଥିବା ଅଭିଯୋଗ କରିଛନ୍ତି। ଏଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ସମ୍ପୃକ୍ତ ଚାଷୀଙ୍କୁ ଫସଲବୀମାଭୁକ୍ତ କରାଇ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଔପଦା କୃଷି ବିଭାଗ ପଦାଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସମ୍ପୃକ୍ତ ଚାଷୀମାନେ ପରାମର୍ଶ ଅନୁସାରେ କୀଟନାଶକ ପ୍ରୟୋଗ କରୁ ନ ଥିବାରୁ ସୁଫଳ ମିଳୁ ନାହିଁ ବୋଲି କହିଛନ୍ତି।

## ■ ସଂଘବଦ୍ଧ ଭାବେ ହ୍ୟାଣ୍ଡଗ୍ରିପ୍‌ରେ ଆକ୍ରମଣ

# ଜେଲ୍ ହାଜତରେ ୭ ଅଭିଯୁକ୍ତ

**ଭୋଗରାଇ,୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଛକ ଦେଉଳାହାଟ ରାସ୍ତା ନିଧିବଣୀ ଛକରେ ମଙ୍ଗଳବାର ରାତିରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ଗିରଫ ୭ ଯୁବକଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ନିଧୂବଣୀ ଛକରେ ମଙ୍ଗଳବାର ରାତିରେ କାଳୀପୂଜା ହେଉଥିଲା। ସେଠାରେ ଏକ ପିକ୍‌ଅପ୍ ଭ୍ୟାନରେ ପାନ ବୋଝେଇ ହେଉଥିବାବେଳେ ଡ୍ରାଇଭର ଓ ଅନ୍ୟ ଦୁଇଜଣ ଲୋକ ବସି ଗପସପ ହେଉଥିଲେ। ଏହି ସମୟରେ ଦେଉଳାହାଟ ସରସ୍ୱତୀପୁର ଗ୍ରାମର ଶଙ୍କର ବେହେରା (୩୩) ଓ ତାଙ୍କର ଦୁଇସାଙ୍ଗ ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ଡ୍ରାଇଭର ସେମାନଙ୍କୁ ଅଶାଳୀନ ଶବ୍ଦ କହିବା ଶୁଣି ୩ ଯୁବକ ପ୍ରତିବାଦ କରି ଧମକ ଦେଇ ପଳାଇ ଯାଇଥିଲେ। କିଛି ସମୟ ମଧ୍ୟରେ ବହୁ ଯୁବକ ବାଇକ୍‌ରେ ଆସି ସଂଘବଦ୍ଧ ହୋଇ ଡ୍ରାଇଭର ଏବଂ ଅନ୍ୟ ଦୁଇଜଣ ଯୁବକଙ୍କୁ ହ୍ୟାଣ୍ଡଗ୍ରିପ୍ (ହସ୍ତମୁଦିରେ ମୁନିଆ ତୀକ୍ଷ୍ଣ ଅସ୍ତ୍ର)ରେ ଆକ୍ରମଣ କରିଥିଲେ। କାଳୀପୂଜା ହେଉଥିବା ସ୍ଥାନରେ ପୂଜକ, ବାଦ୍ୟକାର, ପୂଜା କମିଟି ସଦସ୍ୟ ପ୍ରତିବାଦ କରିବାରୁ ଅଭିଯୁକ୍ତ ଯୁବକମାନେ ସେମାନଙ୍କୁ ଆକ୍ରମଣ କରି ପୂଜା ମଣ୍ଡପରେ ଭଙ୍ଗାରୁଜା କରିଥିଲେ। ଭୋଗରାଇ ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ଏକ ପୋଲିସବାହିନୀ ପହଞ୍ଚି ୭ ଯୁବକଙ୍କୁ ଗିରଫ କରିଥିଲେ। ଆକ୍ରମଣରେ ଗୁରୁତର ହୋଇଥିବା ପିକଅପ୍ ଭ୍ୟାନ୍ ଡ୍ରାଇଭର କାଳାହି ଗ୍ରାମର ଅଚିନ୍ତ ମହାନ୍ତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠା ଯାଇଥିଲା। ଅନ୍ୟ ଆହତଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ଭୋଗରାଇ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୧୮୪/୧୮)ରୁଜୁ କରି ତଦନ୍ତ ଚଳାଇଛି।

# ଦୁଇ ବଖରା ଜଳିଗଲା

**ରୂପ୍‌ସା, ୯।୧୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଆଙ୍କୋ ପଞ୍ଚାୟତରେ ଅଗ୍ନିକାଣ୍ଡ ଘଟି ଅମର ଜେନାଙ୍କ ୨ ବଖରା ବାସଗୃହ ଭସ୍ମୀଭୂତ ହୋଇଯାଇଛି। ଦୀପାବଳି ଅବସରରେ ବାଣ ଫୁଟାଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଅସାବଧାନତା ଯୋଗୁ ଘରେ ନିଆଁ ଲାଗି ସମସ୍ତ ଆସବାବପତ୍ର, ବାସନକୁସନ, ଲୁଗାପଟା ପୋଡ଼ିଯାଇଥିଲା। ଖବରପାଇ ବସ୍ତା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇଥିଲା।

# 'ଖଇରାର ସ୍ୱାଭିମାନ' ପ୍ରସଙ୍ଗ ଉଠାଇଲେ ବ୍ଲକ ଉପାଧ୍ୟକ୍ଷ

**ଖଇରା, ୯।୧୧(ଡି.ଏନ.ଏ.)**

ଖଇରା ଓ ସିମୁଳିଆ ବ୍ଲକକୁ ନେଇ ସିମୁଳିଆ ନିର୍ବାଚନ ମଣ୍ଡଳୀ ଗଠନ ହେବାର ୬ ଦଶନ୍ଧିରୁ ଅଧିକ ବର୍ଷ ବିତିବାକୁ ବସିଲାଣି। ଏଯାଏ ନିର୍ବାଚନମଣ୍ଡଳୀର ଗଠନ ଲକ୍ଷ୍ୟ ଅଧୁରା ହୋଇରହିଛି।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଜୟନ୍ତ ରାଉତ ଓ ଅନ୍ୟମାନେ।

ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନ ଖଇରା ଅଞ୍ଚଳ ପଛୁଆ ହୋଇ ରହିଥିବାରୁ ଏହା ଅଞ୍ଚଳବାସୀଙ୍କ ପାଇଁ ସ୍ୱାଭିମାନର ପ୍ରଶ୍ନ ହୋଇଛି। ୧୯୯୯ ମସିହାରୁ କୁପାରୀକୁ ପର୍ଯ୍ୟଟନ କ୍ଷେତ୍ର ଘୋଷଣା କରାଯାଇଥିଲେ ବି ଏ ପର୍ଯ୍ୟନ୍ତ ବିକାଶ ପାଇଁ ଟଙ୍କାଟିଏ ଅନୁଦାନ ମିଳିନାହିଁ। ବଳିଷ୍ଠ ନେତୃତ୍ୱ ଓ ଦୃଢ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଖଇରା ଅଞ୍ଚଳର ବିକାଶ ଏଯାଏ ସମ୍ଭବ ହୋଇନାହିଁ ବୋଲି ବୁଧବାର କୁପାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦୀପାବଳି ଅବସରରେ ଆୟୋଜିତ ବନ୍ଧୁମିଳନ ଓ ଖବରଦାତା ସମ୍ମିଳନୀରେ ଖଇରା ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ କହିଛନ୍ତି।

ଖଇରା ବ୍ଲକର ଦୁଇଥର ଉପାଧ୍ୟକ୍ଷ ଦାୟିତ୍ୱ ତୁଲାଇଥିବା ରାଉତ ଆହୁରି କହିଥିଲେ ଯେ, ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଦୁଇ ବ୍ଲକର ଲୋକସଂଖ୍ୟା, ଭୋଟର ସଂଖ୍ୟା, ଆୟତନ, ମାନବ ସମ୍ବଳ, ରାଜସ୍ୱ ଆୟ ସବୁ କିଛି ବିଷୟକୁ ଦେଖିଲେ ସବୁଥିରେ ଖଇରା ବ୍ଲକ ଆଗୁଆ ରହିଛି। ହେଲେ ବିଧାୟକ ରହିଆସୁଥିବା ବ୍ୟକ୍ତି ସବୁବେଳେ ସିମୁଳିଆରୁ ନିର୍ବାଚିତ ହେଉଥିବାରୁ ବିକାଶ କ୍ଷେତ୍ରରେ ଖଇରା ବହୁ ପଛରେ ପଡିରହିଛି। ଏଥିଲାଗି ଆଗାମୀ ନିର୍ବାଚନରେ ଖଇରାରୁ କୌଣସି ଜନନେତାଙ୍କୁ ପ୍ରାର୍ଥୀ କରାଯିବାର ଆବଶ୍ୟକତା ରହିଛି। ବିଧାୟକ ପଦବୀ ପାଇଁ ଆପଣ ଆଶାୟୀ କି ବୋଲି ଖବରଦାତାମାନେ ପଚାରିବାରୁ ସେ କହିଥିଲେ, ଯଦି ସେଭଳି ସୁଯୋଗ ଆସେ ସେ ହାତଛଡା କରିବେ ନାହିଁ। ଖଇରା ଅଞ୍ଚଳର ସ୍ୱାଭିମାନ ପ୍ରସଙ୍ଗକୁ ସମର୍ଥନ କରିବାକୁ ଅନେକ ଆଗେଇ ଆସିବେ। ଖଇରାର ସ୍ୱାଭିମାନ ପ୍ରସଙ୍ଗ ଆଗରେ କୌଣସି ନେତାଙ୍କ ଆକ୍ରୋଶ ମାମୁଲି ଘଟଣା ବୋଲି ସେ କହିଥିଲେ।

# ବାହାନଗା ରେଳଷ୍ଟେଶନ ସମସ୍ୟା ନେଇ ମ୍ୟାନେଜରଙ୍କୁ ଦାବିପତ୍ର

**ବାହାନଗା, ୯।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ରେଳଷ୍ଟେଶନର ବିଭିନ୍ନ ସମସ୍ୟା ନେଇ ଓଡିଶା ସୁରକ୍ଷା ସେନା ତରଫରୁ ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଷ୍ଟେଶନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାହାନଗା ବ୍ଲକ ମଣ୍ଡଳ ସଭାପତି ରାଜେଶ ରାଉତଙ୍କ ନେତୃତ୍ୱରେ ଷ୍ଟେଶନରେ ବିକ୍ଷୋଭ କରାଯିବା ସହ ଖଡଗପୁର ଡିଭିଜନର ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ବାହାନଗା ଷ୍ଟେଶନ ମ୍ୟାନେଜର ରବିନାରାୟଣ ବେହେରାଙ୍କୁ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଥିଲେ। ଷ୍ଟେଶନ ପରିସରରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ଫୁଟ୍ ଓଭରବ୍ରିଜ୍ ମରାମତି, ଉତ୍ତର ପାଖ କେବିନ୍ ଫାଟକଠାରୁ ଦକ୍ଷିଣ ପାଖ କେବିନ୍ ଫାଟକ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ମରାମତି ଓ ପ୍ରଶସ୍ତିକରଣ କରିବା, ଷ୍ଟେସନ ବାହାରେ ଜବରଦଖଲ ଉଚ୍ଛେଦ କରି ଯାତ୍ରୀଙ୍କ ପାଇଁ ପାର୍କିଂ ବ୍ୟବସ୍ଥା କରିବା, ବାରିପଦା ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍ ଓ ଇଷ୍ଟକୋଷ୍ଟ ଟ୍ରେନ୍ ରହଣି, ଷ୍ଟେଶନ ମଧ୍ୟରେ ଅସାମାଜିକ କାର୍ଯ୍ୟକଳାପ ରୋକିବା ସମେତ ଷ୍ଟେସନ ପରିସରକୁ ଆଧୁନିକୀକରଣ କରିବା ଆଦି ଦାବିରେ ଓଡିଶା ସୁରକ୍ଷା ସେନା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଦୀପ୍ତ ରଞ୍ଜନ ଦାଶ, ଜିଲା ଯୁବସଭାପତି ଅନିକେତ ମହାପାତ୍ର, ବାହାନଗା ମଣ୍ଡଳ ମିଡିଆ ସଂଯୋଜକ ଚିନ୍ମୟ ସାହୁ, କରୁଣା କର ସାହୁ, ବୁଲୁ ମହାରଣା, ବାବୁଲି ପଲେଇ, ସୁମନ୍ତ ବେହେରା, ହିମାଂଶୁ ସାହୁ, ଅଭୟ କୁମାର ସାହୁ ପ୍ରମୁଖ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ରହି ବିକ୍ଷୋଭ କରିବା ସହିତ ଡିଆରଏମ୍‌ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବାହାନଗା ଷ୍ଟେଶନ ମ୍ୟାନେଜରଙ୍କୁ ପ୍ରଦାନ କରିଥିଲେ।




ଦାବିପତ୍ର ଦେବାକୁ ଆସିଥିବା ଓଡିଶା ସୁରକ୍ଷା ସେନାର କର୍ମକର୍ତ୍ତା।

DSPL-231



## ୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ସହିତ ଆନୁଷଙ୍ଗିକ କୃଷିକୁ ଆମ ରାଜ୍ୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥାଏ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। ମଣିଷର ଜୀବନ ଜୀବିକା ସହିତ ଗୋମାତା ଓତପ୍ରୋତ ଭାବେ ଜଡ଼ିତ। ଆମ ରାଜ୍ୟରେ ଗୋ ସମ୍ପଦ କୃଷକମାନଙ୍କର ଆର୍ଥିକ ସମୃଦ୍ଧିର ଏକ ମୁଖ୍ୟ ସ୍ରୋତ। ଗୋ-ମାତା ଆମକୁ ଦୁଗ୍ଧ ପ୍ରଦାନ କରି ସ୍ୱାସ୍ଥ୍ୟ ବର୍ଦ୍ଧନ କରିଥାଏ। ତେଣୁ ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମଖାଦ୍ୟ, ଲାଳନପାଳନରେ ଯତ୍ନ, ଉପଯୁକ୍ତ ପ୍ରଜନନ, ରୋଗ ନିରାକରଣ ପାଇଁ ଯତ୍ନବାନ ହେଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇ ପାରିବ ଏବଂ କୃଷକମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି ଘଟିବ।

୬୭ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳିତ ହେଉଅଛି। ଉକ୍ତ ଅବସରରେ ଗୋ-ସମ୍ବର୍ଦ୍ଧନା ସମାରୋହ ତଥା କୃଷକ ସଚେତନତା ସମାବେଶ ଅନୁଷ୍ଠିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରକଳ୍ପଗୁଡ଼ିକରୁ ଚାଷୀମାନେ କିପରି ଉପଯୁକ୍ତ ଲାଭ ପାଇପାରିବେ ସେଥିପାଇଁ ଆମ୍ଭେମାନେ ସଂକଳ୍ପ କରିବା ଉଚିତ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

**ପ୍ରଦୀପ ମହାରଥୀ**
**ମାନ୍ୟବର ମନ୍ତ୍ରୀ**
**ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ କୃଷକ ସଶକ୍ତୀକରଣ,**
**ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଓଡ଼ିଶା**

06014/13/0021/1819






ଜମୁଛି ପ୍ରସିଦ୍ଧ ଭଦ୍ରକ କାଳୀପୂଜା: (ବାମରୁ)ମଣ୍ଡପ ଆଗରେ ଏଲ୍ଇଡି ତୋରଣ ଶୋଭା । କଳାକୁଞ୍ଜରେ ରାବଣ ଦହନ ବେଳର ରେଳ ଦୁର୍ଘଟଣା । ମଣ୍ଡପ ଆଗରେ ଭକ୍ତଙ୍କ ଗହଳି । ଖେଳଣା ଦୋକାନରେ ଶିଶୁ ଓ ମହିଳା ।

# ଆଖି ଝଲସାଇ ମନ ମୋହୁଛି




**ପ୍ରସିଦ୍ଧ ଭଦ୍ରକ କାଳୀପୂଜା**
- କଳାକୁଞ୍ଜର ଆକର୍ଷଣ ନିଆରା
- ପୂଜା ମଣ୍ଡପ, ମିନାବଜାରରେ ଅସମ୍ଭବ ଭିଡ଼

ପୂର୍ବବର୍ଷରେ ପ୍ରଶାସନିକ କଟକଣା ପ୍ରସିଦ୍ଧ ଭଦ୍ରକ କାଳୀପୂଜାକୁ କେତେକାଂଶରେ ଫିକା ପକାଇଥିଲା। ଏଥର କଟକଣା କୋହଳ ହେବା ଏବଂ ପାଗ ଭଲ ରହିଥିବାରୁ କାଳୀପୂଜା ମାହୋଲ ଜମି ଉଠିଛି। ପୂଜା ମଣ୍ଡପ ଆଗରେ ଭକ୍ତ ଓ ଦର୍ଶନାର୍ଥୀଙ୍କ ଭିଡ଼ ସାଙ୍ଗକୁ ରଙ୍ଗିନ ଆଲୋକ ସାଜସଜ୍ଜା ଆଖି ଝଲସାଉଛି। ପୂଜା ମଣ୍ଡପ ନିକଟରେ କଳାକୁଞ୍ଜ ସାଙ୍ଗକୁ ପାର୍ଶ୍ୱ ଦେବଦେବୀ ଓ ବାରୁଆଳି ମୂର୍ତ୍ତି ଦେଖଣାହାରିଙ୍କ ମନ ମୋହୁଛି। ସନ୍ଧ୍ୟା ହେଲେ ଲୋକଗହଳିରେ କଡ଼ ଫେରାଇ ହେଉ ନାହିଁ। ନାଚଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକୁଛି ପୂଜା ମଣ୍ଡପ। ଶୁକ୍ରବାର ଚତୁର୍ଥ ଦିନରେ ସବୁ ମଣ୍ଡପ ନିକଟରେ ବେଶ୍ ଗହଳି ଲାଗିରହିଥିଲା। ଓଏସ୍ଆରଟିସି ପଡିଆ ପରିସରରେ ପଡ଼ିଥିବା ମିନାବଜାର, ବ୍ରେକଡ୍ୟାନ୍ସ, ରାମଦୋଳି, ଡ୍ରାଗନ ନିକଟରେ ଅସମ୍ଭବ ଭିଡ ଜମିଥିଲା। ମନୋହରି ଦୋକାନରେ ମହିଳାଙ୍କ ଅଧିକ ଭିଡ ଦେଖିବାକୁ ମିଳିଥିଲା। ଭିଡ଼ ନିୟନ୍ତ୍ରଣ ସହ ଟ୍ରାଫିକ ବ୍ୟବସ୍ଥା ପାଇଁ ସବୁଠି ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ତେଲେଙ୍ଗା ଗଳି ପୂର୍ବରୁ ଏବଂ ଚରମ୍ପା ଏରେଇଁ ଛକ ଏଟିଏମ୍ ନିକଟରୁ ଗାଡି ଚଳାଚଳକୁ ବନ୍ଦ କରାଯାଇଥିଲା। ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ପୂଜାରେ ଅସାମାଜିକ ଲୋକ ଓ ଲୁଟେରାଙ୍କ ପ୍ରାଦୁର୍ଭାବ ପରିଲକ୍ଷିତ ହୋଇଥିଲା।

### ବାର୍ତ୍ତା ବାଣ୍ଟୁଛି ....

ଚଳିତବର୍ଷ ପଞ୍ଜାବରେ ଦଶହରା ରାବଣପୋଡ଼ି ଉତ୍ସବ ବେଳେ ଘଟିଥିବା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ୭୦ ବ୍ୟକ୍ତିଙ୍କ ଜୀବନଦୀପ ଲିଭିଗଲା। ସାମାନ୍ୟ ସର୍ତ୍ତକତା ଓ ସଚେତନତା ଅଭାବରୁ ଏଭଳି ଦୁର୍ଘଟଣା ଜନମାନସକୁ ଚହଲାଇ ଦେଇଥିଲା। ଏହି ଘଟଣାବଳୀକୁ ମନେ ପକାଇ ଦେଇ ସଚେତନତାର ବାର୍ତ୍ତା ବାଣ୍ଟୁଛି ଏକ କଳାକୁଞ୍ଜ। ସ୍ଥାନୀୟ ହାଇସ୍କୁଲ ପଡିଆ ମେଢ ନିକଟରେ ପଞ୍ଜାବ ରେଳ ଦୁର୍ଘଟଣାର ଦୃଶ୍ୟାବଳୀକୁ କଳାତ୍ମକ ରୂପରେ ଉକ୍ତ କଳାକୁଞ୍ଜରେ ଚିତ୍ରାୟିତ କରାଯାଇଛି। ଶିଳ୍ପୀଙ୍କ ତୂଳୀରେ ସତେଜ ହୋଇଉଠିଛି ସେହି ଅଶୁଭ ମୂହୁର୍ତ୍ତ। ପୂଜା ଦେଖିବାକୁ ଆସୁଥିବା ଦେଖଣାହାରୀଙ୍କ ଉପରେ ଏହି କଳାକୁଞ୍ଜର ପ୍ରଭାବ ବାରି ହୋଇପଡୁଛି। ଅଧିକାଂଶ ପୂଜାମଣ୍ଡପରେ ପୌରାଣିକ ଲୋକକଥା ସାଙ୍ଗକୁ ଅନ୍ୟ ସାମାଜିକ ସଚେତନତାଧର୍ମୀ ପାର୍ଶ୍ୱ ପ୍ରତିମୂର୍ତ୍ତି ମଧ ଦର୍ଶକଙ୍କୁ ଆନମନା କରୁଛି । ଜଗତଜନନୀ ମା' ମହାକାଳୀଙ୍କ ପ୍ରତିମୂର୍ତ୍ତି ସାଙ୍ଗକୁ ନୀଳ ଆଲୋକ ସାଜସଜ୍ଜା ଓ ପ୍ରବେଶ ପଥରେ ସ୍ୱାଗତ ତୋରଣ ବେଶ ମନଲୋଭା ହୋଇଛି।

### ନାହାନ୍ତି ରୁକ୍ମିଣୀ ମାଉସୀ....

ଭଦ୍ରକ କାଳୀପୂଜାରେ ଜଣେ ଚର୍ଚ୍ଚିତ ମହିଳା ଥିଲେ ରୁକ୍ମିଣୀ ମାଉସୀ। କେହି କେହି ତାଙ୍କୁ ଯଶୋଦା ମାଉସୀ କହିଥାନ୍ତି। ୮ ବର୍ଷ ପୂର୍ବେ ଚରମ୍ପା ଷ୍ଟେଶନ ନିକଟ ପିଡବ୍ଲ୍ୟୁଆଇ କାଳୀପୂଜା ମଣ୍ଡପ ନିକଟରୁ ଏକ ୨ ମାସର ଅନାଥ ଝିଅକୁ ପାଇ ସେ ତାଙ୍କର ଲାଳନ ପାଳନ କରିଆସୁଥିଲେ। ଝିଅର ନାମ ରଖିଥିଲେ କାଳୀ। ପ୍ରତିବର୍ଷ କାଳୀପୂଜା ଆସିଲେ ସେ ମଣ୍ଡପ ନିକଟରେ ଏହି ଝିଅର ଜନ୍ମଦିନ ଉତ୍ସବ ପାଳନ କରି ସେ ଚର୍ଚ୍ଚାକୁ ଆସିଥିଲେ। ଯଶୋଦା ମାଉସୀ ରୋଗରେ ପଡ଼ି କିଛିମାସ ତଳେ ଇହଲୀଳା ସମ୍ବରଣ କରିବାରୁ କାଳୀ ଏବେ ଏକାକୀ ହୋଇପଡିଛନ୍ତି। ବର୍ତ୍ତମାନ ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇ ନିଜର ପ୍ରିୟ ମା' ଯଶୋଦାଙ୍କୁ ଝୁରି ହେଉଛନ୍ତି।

### ସୂଚନା ସାଙ୍ଗକୁ ଚିକିତ୍ସା ସେବା

କାଳୀପୂଜାରେ ଭକ୍ତ, ଦେଖଣାହାରୀଙ୍କୁ ସେବା ଓ ସୁରକ୍ଷା ଯୋଗାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଛାତ୍ରୀଛାତ୍ର ଓ କେତେକ ଅନୁଷ୍ଠାନ କର୍ମକର୍ତ୍ତା ଲାଗିପଡ଼ିଛନ୍ତି। ଭଦ୍ରକର ଶହୀଦ ଭଗତ ସେନା ତରଫରୁ କାଳୀପୂଜା ଉପଲକ୍ଷେ ରେଲୱେ ଷ୍ଟେଶନ ନିକଟରେ ଖୋଲାଯାଇଥିବା ସୂଚନା କେନ୍ଦ୍ର ଏକ ଭିନ୍ନ ଆକର୍ଷଣ ସୃଷ୍ଟି କରିଛି। ବିଭିନ୍ନ ଜିଲାରୁ ଆସୁଥିବା ଦେଖଣାହାରୀଙ୍କୁ ସହାୟତା ପ୍ରଦାନ ସହ ନିଖୋଜ ଶିଶୁଙ୍କ ସନ୍ଧାନ ନିମନ୍ତେ ମାଇକ ମାଧ୍ୟମରେ ପ୍ରଚାର କରାଯାଉଛି। ଏହି କେନ୍ଦ୍ରରେ ଜଳଛତ୍ର ମଧ ଖୋଲାଯାଇଛି। ସ୍ୱେଚ୍ଛାସେବୀ ଯୁବଗୋଷ୍ଠୀ ଆହତ ଲୋକଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଉଛନ୍ତି। ଗୁରୁବାର ଭଗତସେନାର ଆବାହକ ସୀତାଂଶୁ ମହାପାତ୍ର, ପଦ୍ମନାଭ ପଣ୍ଡା ଏହି ସୂଚନାକେନ୍ଦ୍ରକୁ ଉଦ୍ଘାଟନ କରିଥିଲେ। ସେଠାରେ ବିଭୁରଞ୍ଜନ ରାଉତ, ନଳିନୀ ମହାନ୍ତି, ହେମନ୍ତ ମହାପାତ୍ର, ରାଜେଶ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ବିଭିନ୍ନ ସୂଚନା ପ୍ରଦାନ କରୁଛନ୍ତି।

### ଝାମ୍ପିନେଲେ....

ଭଦ୍ରକ କାଳୀପୂଜାରେ ଶୁକ୍ରବାର ଭିଡର ସୁଯୋଗ ନେଇ ବାଲିଖଣ୍ଡ ଶ୍ୟାମସୁନ୍ଦରପୁର ଅଞ୍ଚଳରୁ ଆସିଥିବା ଦେବକୀ ମିଶ୍ର ଜଣେ ମହିଳାଙ୍କ ହାତରୁ ଲୁଟେରାମାନେ ଏକ ମନିପର୍ସ ଝାମ୍ପିନେବା ଭଳି ଘଟଣା ପଦାକୁ ଆସିଛି। ସେଥିରେ ୮ ହଜାର ଟଙ୍କା ରହିଥିଲା। ଦେବକୀ ଓ ତାଙ୍କ ପରିବାର ଲୋକେ ପିଡବ୍ଲ୍ୟୁଆଇ ପୂଜା ମଣ୍ଡପ ବୁଲିବା ଅବସରରେ ଏକ ଦୋକାନରୁ କିଛି ସାମଗ୍ରୀ କିଣୁଥିଲେ। ଏହାର ସୁଯୋଗ ନେଇ ଲୁଟେରାମାନେ ଝାମ୍ପିନେଇଥିଲେ ତାଙ୍କ ମନିପର୍ସ। ଅତ୍ୟଧିକ ଭିଡ଼ ଯୋଗୁ ଲୁଟେରାମାନେ ସକ୍ରିୟ ହୋଇଉଠିଥିବାରୁ ପୋଲିସ, ପୂଜା କମିଟି କର୍ମକର୍ତ୍ତା ଏମାନଙ୍କ ଉପରେ ସତର୍କ ନଜର ରଖିବାକୁ ଭକ୍ତ ଓ ଦେଖଣାହାରୀ ଦାବି କରିଛନ୍ତି।



ଲୁଟର ଶିକାର ହୋଇଥିବା ମହିଳା ।

## ସିଂହବାହିନୀ ବେଶରେ ମା' ଭଦ୍ରକାଳୀ



ଶୁକ୍ରବାର ସିଂହବାହିନୀ ବେଶରେ ମା' ଦର୍ଶନ ଦେଉଛନ୍ତି।

**ଭଦ୍ରକ ଅଫିସ,୯।୧୧**

ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ସପ୍ତମାତୃକା ବେଶର ଚତୁର୍ଥ ଦିନରେ ଶୁକ୍ରବାର ମା' ସିଂହବାହିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଭକ୍ତମାନେ ଧାଡ଼ିବାନ୍ଧି ଧୂପ, ଦୀପ, ଭୋଗ ଲଗାଇ ମା'ଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ମା'ଙ୍କୁ ଏହି ପୀଠରେ ଦୁର୍ଗତିନାଶିନୀ ସିଂହବାହିନୀ ବେଶରେ ପୂଜା କରାଯାଇଛି। ସିଂହ ମା'ଙ୍କର ବାହନ ଥିବାବେଳେ ନାଲିପାଟ ବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ ମା' ଭଦ୍ରକାଳୀ। ଚାରି ହସ୍ତରେ ଖଡ୍ଗ, ତ୍ରିଶୂଳ, ଶଙ୍ଖ, ଚକ୍ର ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ମା' ପ୍ରକଟ ହୋଇଥିଲେ। ସିଂହବାହିନୀ ବେଶକୁ ଦର୍ଶନ କଲେ ଭକ୍ତଙ୍କର ଗ୍ରହଦଶା, ରିଷ୍ଟ ଖଣ୍ଡନ ତଥା ସମସ୍ତ ବିପଦ ଦୂର ହୁଏ ବୋଲି ପୌରାଣିକ ମତ ରହିଛି। ପାଗ ଅନୁକୂଳ ଥିବାରୁ ମା' ଙ୍କ ସିଂହବାହିନୀ ବେଶ ଦର୍ଶନ ଲାଗି ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

# ଅଙ୍ଗନୱାଡି କେନ୍ଦ୍ରରେ ଅନିୟମିତତା

**ବନ୍ତ,୯।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ବାଙ୍ଗୋରପଦୀ ଅଙ୍ଗନୱାଡି କେନ୍ଦ୍ରରେ ବ୍ୟାପକ ଅନିୟମିତତା କରାଯାଉଥିବା ନେଇ ଗ୍ରାମବାସୀ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ବାଙ୍ଗୋରପଦୀ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ହେବାଠାରୁ ଅଦ୍ୟାବଧି ନିୟମିତ ଭାବେ କାର୍ଯ୍ୟ କରୁ ନାହିଁ। ଫଳରେ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ସୁଫଳ ସେମାନଙ୍କ ନିକଟରେ ପହଞ୍ଚି ପାରୁନାହିଁ। ୨୦୦୮ ମସିହାଠାରୁ ଗାଁ କଲ୍ୟାଣ ସମିତିକୁ ଆସୁଥିବା ଅର୍ଥ ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରା ନ ଯାଇ ହଡ଼ପ କରାଯାଉଛି। ପିଲାଙ୍କୁ ଠିକ୍ ସମୟରେ ଔଷଧ ବଣ୍ଟନ କରାଯାଉ ନ ଥିବାବେଳେ ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ଆସୁଥିବା ଅଣ୍ଡା, ଛତୁଆ, ମୁଆଁ ଓ ଅନ୍ୟ ସାମଗ୍ରୀଗୁଡ଼ିକୁ ହଡ଼ପ କରାଯାଉଛି। ଉକ୍ତ କେନ୍ଦ୍ରକୁ ଆସିଥିବା ଔଷଧ ବଣ୍ଟନ କରା ନ ଯାଇ ଅଙ୍ଗନୱାଡି କେନ୍ଦ୍ର ନିକଟ କୂଅ ପାଖରେ ପୋଡା ଯାଇଥିବାର ଦେଖାଯାଇଥିଲା। କେନ୍ଦ୍ରକୁ ଆସୁଥିବା ଛତୁଆକୁ ନିକଟସ୍ଥ ପୋଖରୀରେ ମଧ ଫିଙ୍ଗା ଯାଇଥିବା ନେଇ ପୂର୍ବରୁ ଗ୍ରାମବାସୀ ସମ୍ପୃକ୍ତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଗ୍ରାମର ଉମାମଣି ସାହୁ, ସୂର୍ଯ୍ୟମଣି ଜେନା, ଦେବେନ୍ଦ୍ର ଜେନା, ନରହରି ସୂତାର, ସରୋଜିନୀ ମାଝୀ, ପାର୍ବତୀ ମାଝୀ, ମୀତାରାଣୀ ମାଝୀ, ଶମ୍ଭୁନାଥ ବେହେରା, ମାନସୀ ପରିଡ଼ା ପ୍ରମୁଖ କମିଶନର, ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା, ଭଦ୍ରକ ଜିଲାପାଳ, ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ, ବନ୍ତ ସିଡିପିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

## ଭିନ୍ନକ୍ଷମଙ୍କ ଧାରଣା

**ବନ୍ତ,୯।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ନିଳୋକ ପଞ୍ଚାୟତ ବାଲିଗଡିଆ ଗ୍ରାମର ଅସହାୟ ଭିନ୍ନକ୍ଷମ ମନ୍ମଥ ବିଶ୍ୱାଳଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ଦାବିରେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭିନ୍ନକ୍ଷମମାନଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। ଏହାକୁ ସମର୍ଥନ ଜଣାଇ ଓଡିଶା ଭିନ୍ନକ୍ଷମ ମଞ୍ଚ ଭଦ୍ରକ ଶାଖା ପକ୍ଷରୁ ସଭାପତି ଚିନ୍ତାମଣି ରାଉତ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ଧଳ, ଉପସଭାପତି ପ୍ରଭାତ କୁମାର ପରିଡା, ସମ୍ପାଦକ ବେଣୁଧର ପଣ୍ଡା, ଲୋକସମ୍ପର୍କ ଅଧିକାରୀ ନାରାୟଣ ରାଉତ, କୋଷାଧ୍ୟକ୍ଷ ପ୍ରଭାତ କୁମାର ପଣ୍ଡା, ନାରୀନେତ୍ରୀ ବୈଜୟନ୍ତୀ ବେହେରା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

## ରାଜରାସ୍ତା ଶେଷପନ୍ଥା

**ଭଦ୍ରକ ଅଫିସ,୯।୧୧**

**ମହିଳା ମହାସଂଘର ଧାରଣା, ଚେତାବନୀ**

ଓଡ଼ିଶା ଜୀବିକା ମିଶନ ଅଧୀନ ତିହିଡ଼ି ବ୍ଲକ ସୟା ପଞ୍ଚାୟତର ମାତୃଶକ୍ତି ମହିଳା ମହାସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଶତାଧିକ ମହିଳା ଏଥିରେ ସାମିଲ ଥିଲେ। ଦୀର୍ଘଦିନ ଧରି ତିହିଡି ବ୍ଲକରେ କାର୍ଯ୍ୟ କରୁଥିବା ଜଣେ ପ୍ରକଳ୍ପ ଅଧିକାରୀ ମହିଳା ସଂଘ କର୍ମକର୍ତ୍ତାଙ୍କୁ ହଇରାଣ କରିବାସହ ମନମୁଖୀ ଭାବେ କାର୍ଯ୍ୟ କରୁଥିବାରୁ ଏହା ବିରୋଧରେ ମହିଳାମାନେ ଅଭିଯୋଗ କରିଥିଲେ ମଧ ଏ ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏପରିକି ସେ ବ୍ଲକ ଅଧିକାରୀଙ୍କୁ ଦସ୍ତଖତକୁ ନକଲ କରି ବିଭାଗରେ ପତ୍ରାଳାପ କରାଯାଉଥିବା ସଂଘ ଅଭିଯୋଗ କରିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆ ନ ଗଲେ ମହିଳା ମହାସଂଘର ସଦସ୍ୟମାନେ ଶେଷରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ଜୋରଦାର୍ କରିବେ ବୋଲି ଚେତାବନୀ ଦେଇଛନ୍ତି। ମହାସଂଘର ସଭାନେତ୍ରୀ ନିରୂପମା ଦାସ, ସମ୍ପାଦିକା ଜୟନ୍ତୀ ନାୟକ, କୋଷାଧ୍ୟକ୍ଷ ସୁରତୀ ମହାପାତ୍ରଙ୍କ ସମେତ ସଦସ୍ୟମାନେ ଧାରଣାରେ ସାମିଲ ଥିଲେ।

## ମାଙ୍କଡ ଉପଦ୍ରବ: ଘରୁ ବାହାରିଲେ ବାଡ଼ି ସାହା

**ଭଣ୍ଡାରିପୋଖରୀ, ୯।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ଗ୍ରାମ ଓ ଆଖପାଖ ଅଞ୍ଚଳରେ ମାଙ୍କଡ ଉପଦ୍ରବ ଦେଖାଦେଇଛି। ମାଙ୍କଡ ଆକ୍ରମଣରେ ୨ ଜଣ ଆହତ ହେବାପରେ ଲୋକେ ଭୟଭୀତ ହୋଇପଡିଛନ୍ତି। ହାତରେ ବାଡ଼ି ନ ଧରିଲେ କେହି ଘରୁ ବାହାରୁ ନାହାନ୍ତି। ପିଲାଛୁଆଙ୍କୁ ଲୋକେ ଘରେ ଆକଟ କରି ରଖୁଥିବା ସୂଚନା ମିଳିଛି। ଶୁକ୍ରବାର ଷୋଳମପୁର ଗ୍ରାମର ସୁଷମା ନାୟକ(୪୦) ଘରେ କାମ କରୁଥିବା ବେଳେ ଏକ ମାଙ୍କଡ ତାଙ୍କ ଉପରକୁ ଡେଇଁ ପିଠିକୁ କାମୁଡ଼ି ଦେଇଥିଲା। ସେହିପରି ତନ୍ତିସାହିର ନାରାୟଣ ରାଉତ(୬୮)ଙ୍କୁ ଏକ ମାଙ୍କଡ ଆକ୍ରମଣ କରିଥିଲା। ତାଙ୍କ ହାତ ଶିରାକୁ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରି ପକାଇଥିଲା। ତାଙ୍କୁ ପ୍ରଥମେ ଯାଜପୁର ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମାଙ୍କଡ଼ ଉପଦ୍ରବ ଯୋଗୁ ଲୋକଙ୍କ ଘରବାଡିର ଫସଲ ଉଜୁଡି ଯାଉଛି। ସେମାନେ ବାଡି ବଗିଚାରୁ ଫସଲ ଖାଇ ସମ୍ପୂର୍ଣ୍ଣ ନଷ୍ଟ କରିଦେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଧାମନଗର ବନ ବିଭାଗ ରେଞ୍ଜର ସମୀର କୁମାର ରାଉତଙ୍କୁ ଜଣାଇଛନ୍ତି। ନୀଳଗିରିରୁ ଧରାଳି ଆସିଲେ ମାଙ୍କଡ ଧରାଯିବ ବୋଲି ସେ କହିଛନ୍ତି।

■ ୨ୟ ଦିନରେ ପୌରସଂସ୍ଥା ଠିକା କର୍ମଚାରୀଙ୍କ ଆନ୍ଦୋଳନ

# କୁଢ଼ କୁଢ଼ ଆବର୍ଜନା: ସ୍ଥିତି ବେହାଲ

**ଭଦ୍ରକ ଅଫିସ,୯।୧୧**



କଚେରି ବଜାର ଘୋଷରା ନାଳ ନିକଟରେ ଅଳିଆ ଗଦା ହୋଇ ରହିଛି।

ଭଦ୍ରକ ପୌରପାଳିକା ଠିକା କର୍ମଚାରୀଙ୍କ ଆନ୍ଦୋଳନ ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନରେ ଝାଡୁଦାରମାନେ ସାମିଲ ହୋଇଥିବାରୁ ସହରର ସମସ୍ତ ମୁଖ୍ୟରାସ୍ତାରେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିରହି ପୁତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସହରରେ ଏବେ କାଳୀପୂଜା ଚାଲିଥିବାବେଳେ ପୌରପାଳିକା ଅଧୀନରେ କାର୍ଯ୍ୟ କରୁଥିବା ଝାଡୁଦାର, ଡ୍ରାଇଭର, ଅଫିସର କର୍ମଚାରୀଙ୍କ ଆନ୍ଦୋଳନ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଦୁଇଦିନ ଧରି କାର୍ଯ୍ୟାଳୟ ଫାଟକରେ ତାଲା ପଡ଼ିଥିବା ଯୋଗୁ ଅଫିସ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ଉଲ୍ଲେଖନୀୟ ଯେ, ୧୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଠିକା କର୍ମଚାରୀ ପୌରପାଳିକା ଅଧୀନରେ ଝାଡୁଦାର, ଡ୍ରାଇଭର, ଇଲେକ୍ଟ୍ରିସିଆନ, କାର୍ଯ୍ୟାଳୟରେ ପିଅନ, ରାତ୍ରିଜଗୁଆଳି ଓ ସୁରକ୍ଷା କର୍ମୀ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଏହି ଠିକା କର୍ମଚାରୀମାନେ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ହେଲେ ସେମାନଙ୍କ ଇପିଏଫ୍, ଇଏସ୍ଆଇ ବାବଦ ଦେୟ ମାସିକ ଦରମା ସମୟରେ କଟା ଯାଉଥିଲେ ମଧ ଦୀର୍ଘବର୍ଷ ଧରି ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟରେ ଜମା କରାଯାଉ ନାହିଁ। ଫଳରେ ପ୍ରାୟ ୬ କୋଟି ଟଙ୍କାର ହେର୍‌ଫେର କରାଯାଇଥିବା ନେଇ ଅଭିଯୋଗ ହୋଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଜିଲା ଶ୍ରମ କାର୍ଯ୍ୟାଳୟରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଚାଲିଥିଲା।

## ଜନସମ୍ପର୍କ ପଦଯାତ୍ରା, ମିଶ୍ରଣ ପର୍ବ

**ଧାମନଗର,୯।୧୧ (ଡି.ଏନ.ଏ.)**

ବ୍ଲକ ବିଜେଡି ପକ୍ଷରୁ ଧାମନଗର ଜୋନ ଅଧୀନ ୫ ପଞ୍ଚାୟତ ଚୁଡାକୁଟି, ଗୋବିନ୍ଦପୁର, ଭଗବାନପୁର, କଲ୍ୟାଣୀ ଏବଂ ଦଇପୁରରେ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ନାରାୟଣପୁରରୁ ପଦଯାତ୍ରା ବାହାରି ଅଭିଲା ଛକ ହୋଇ ଚୁଡାକୁଟି ମେଳଣ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ବିଶାଳ ସମାବେଶ ହୋଇଥିଲା। ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମେଳଣ ପଡ଼ିଆରେ ଆୟୋଜିତ ସଭାରେ ନରେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ବିଧାୟକ ମଣ୍ଡଳ, ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କା, ହରେକୃଷ୍ଣ ପାଢୀ, ନାରାୟଣ ଚନ୍ଦ୍ର ସାହୁ, ଯୁବବାହିନୀ ବ୍ଲକ ସଭାପତି ସୁଶାନ୍ତ ନାୟକ, ଅମିତାବାଳା ମହାପାତ୍ର, ଧାମନଗର ବିଜେଡି ନଗର ସଭାପତି ଶରତ ମହାନ୍ତି, ବିଜୁ ଯୁବ ଜନତା ଦଳର ଜିଲା ସମ୍ପାଦକ ଦିଲୀପ ସାମଲ ପ୍ରମୁଖ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ମିଶ୍ରଣପର୍ବରେ ଦଇପୁରର ପୂର୍ବତନ ସରପଞ୍ଚ ନିରୋଦ ରାଉଳ, ନାରୀନେତ୍ରୀ ରିନାରାଣୀ ଦାସଙ୍କ ସମେତ ୨୫ ଜଣ କର୍ମୀ ବିଜେଡିରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଆମ୍ବୁଲାନ୍ସ-ଅଟୋ ଧକ୍କା ଜଣେ ମୃତ, ୪ ଆହତ

**ଠାକୁରମୁଣ୍ଡା,୯।୧୧(ଡି.ଏନ.ଏ):** ଠାକୁରମୁଣ୍ଡା ଆନନ୍ଦପୁର ରାସ୍ତାର ଚିଆଁବେଡା ଛକ ନିକଟରେ ଗୁରୁବାର ରାତିରେ ଏକ ଆମ୍ବୁଲାନ୍ସ ସହିତ ଅଟୋର ମୁହାଁମୁହିଁ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଛି। ଏହାବ୍ୟତୀତ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଜଣେ ଗୁରୁତର ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ଜଣକ ଆନନ୍ଦପୁର ଥାନା କାଠକଟା ଗ୍ରାମର ଶ୍ୟାମ ସୁନ୍ଦର ହୋ । ଆନନ୍ଦପୁର ଥାନା କାଠକଟା ଗ୍ରାମର କେତେକ ଯୁବତୀଯୁବକ ଗୁରୁବାର ରାତିରେ ଗୟଲମୁଣ୍ଡା ନିକଟ କୁଲଡିହା ଗ୍ରାମରେ ହେଉଥିବା କାଳିପୂଜା ଦେଖିବାକୁ ଏକ ଅଟୋ ନଂ-(ଓଡି-୨୨ଏଫ୍-୪୨୩୬) ଯୋଗେ ରାତିରେ ଯାଉଥିଲେ। ଉକ୍ତ ସମୟରେ ରୋଗୀ ଛାଡି ଠାକୁରମୁଣ୍ଡା ଦେଇ ଭୁବନେଶ୍ୱର ଫେରୁଥିବା ଏକ ଘରୋଇ ହସ୍ପିଟାଲ ଆମ୍ବୁଲାନ୍ସ (ନଂ- ଓଡି-୩୩ବି-୬୦୧୩) ସହିତ ଅଟୋର ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋରେ ଥିବା ସଞ୍ଜନୀ ହେମ୍ବ୍ରମ୍‌ଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଘଷିପୁରା ଓ ପରେ କଟକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ୩ଜଣ ଘଷିପୁରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ନିଜ ଘରକୁ ଫେରି ଯାଇଥିବା ଜଣାଯାଇଛି। ମହୁଲଡିହା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଘଷିପୁରା ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଗାଡି ୨ଟିକୁ ଜବତ କରି ତଦନ୍ତ ଚଳାଇଛି ।

### ବନ୍ଧୁକ ଜବତ, ଶିକାରୀ ଗିରଫ

**କପ୍ତିପଦା,୯।୧୧(ଡି.ଏନ୍.ଏ):** କପ୍ତିପଦା ରେଞ୍ଜ ଶରତ ସେକ୍ସନ୍ ଅଧିନ ହରିଡ଼ାଚୁଆ ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ବନ୍ଧୁକ ଧରି ଯାଉଥିବା ଜଣେ ଯୁବକଙ୍କୁ ଶୁକ୍ରବାର ବନ ବିଭାଗ କର୍ମଚାରୀ କାବୁ କରିଛନ୍ତି। ଏହି ଅଭିଯୋଗରେ ଶିକାରୀ



ବଡ଼ଝାଡ଼ ଗ୍ରାମର ବୁଧିରାମ ସିଂ (୩୨)ଙ୍କୁ ଗିରଫ କରାଯାଇ ତାଙ୍କ ନିକଟରୁ ଏକ ହାତ ତିଆରି ବନ୍ଧୁକ ଜବତ କରାଯାଇଛି। ପାଟ୍ରୋଲିଂରେ ଯାଉଥିବା ବନ କର୍ମଚାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏହି ଚଢାଉ କରିଥିଲେ। ଏହି ଚଢାଉରେ କପ୍ତିପଦା ବନପାଳ ଶୋଭାକର ସିଂ, ପୋଡ଼ାଡ଼ିହା ବନପାଳ ମକରଧ୍ୱଜ ପଲେଇ, ଫରେଷ୍ଟ ଗାର୍ଡ଼ ଅଞ୍ଜନ ଲେଙ୍କା, ପୋଡ଼ାଡ଼ିହା ଓ ଶରତର ସବୁଜବାହିନୀ କର୍ମୀ ଚଢାଉରେ ସାମିଲ ହୋଇଥିଲେ। ଏସମ୍ପର୍କରେ କପ୍ତିପଦା ବନ ବିଭାଗ କାର୍ଯ୍ୟାଳୟରେ ଏକ ମାମଲା (ନଂ ୯୯କେ/୧୮-୧୯) ରୁଜୁ କରାଯାଇ ଶିକାରୀଙ୍କୁ କୋର୍ଟଚାଲାଣ କରାଯାଇଛି ।

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ବଡ଼ସାହି,୯।୧୧(ସ୍ୱ.ପ୍ର.):** ବଡ଼ସାହି ଥାନା ଅଧୀନ ଉଦଳା-ବାରିପଦା ରାଜ୍ୟ ରାଜପଥର ଚାଉଳିଆଶୋଳ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ଖୁଣ୍ଟା ଥାନା ଚୁନଡ଼ିହା ଗ୍ରାମର ସୁଦର୍ଶନ ବେହେରାଙ୍କ ପୁଅ ମୁନା(୪୦) । ସେ ନିଜ ବାଇକ୍ ଯୋଗେ ବାରିପଦା ଯାଇଥିବା ବେଳେ ଚାଉଳିଆଶୋଳ ନିକଟରେ ଏକ ସାଇକେଲ ସମ୍ମୁଖକୁ ପଳାଇ ଆସିଥିଲା । ସାଇକେଲ ଚାଳକଙ୍କୁ ରକ୍ଷା କରିବାକୁ ଯାଇ ମୁନା ରାସ୍ତାର ଡ଼ାହାଣ ପଟକୁ ବାଇକ୍ କାଟିଥିଲେ। ଉକ୍ତ ସମୟରେ ପଛପଟୁ ଆସୁଥିବା ଏକ କାର (ନଂ ଓଡ଼ି୧୧ସି ୨୪୨୪)ତାଙ୍କୁ ଧକ୍କା ଦେଇ ପଳାଇଥିଲା । ଗୁରୁତର ଅବସ୍ଥାରେ ମୁନାଙ୍କୁ ବାରିପଦା ପିଆରଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ବଡ଼ସାହି ପୋଲିସ ଏନେଇ ଏକ ଦୁର୍ଘଟଣା ମାମଲା(୧୬୯/୧୮) ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

### ଯୁବକଙ୍କ ଆତ୍ମହତ୍ୟା

**ବଡ଼ସାହି,୯।୧୧(ସ୍ୱ.ପ୍ର):** ବଡସାହି ଥାନା ଅଧୀନ ଦୁର୍ଗାପୁର ପଞ୍ଚାୟତ, ତ୍ରିଲୋଚନପୁର ଗ୍ରାମର ବିଜୟ ସିଂଙ୍କ ପୁଅ ଲେଖୁନ(୨୪) ବିଷ ପିଇ ଆତ୍ମହତ୍ୟା କରିଛନ୍ତି। କୌଣସି କାରଣରୁ ଲେଖୁନ ଗୁରୁବାର ଘରେ ଥିବା ବିଷ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ବେତନଟୀ ପରେ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ବଡ଼ସାହି ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (୩୯/୧୮)ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି ।

# ମୋରମ ମାଫିଆଙ୍କୁ ଅଙ୍କୁଶ ନାହିଁ

**କପ୍ତିପଦା,୯।୧୧(ଡ଼ି.ଏନ.ଏ)**



ମୋରମ ଉତ୍ତୋଳନ ହେଉଥିବା ସ୍ଥାନ।

- ଉଜୁଡି ଯାଉଛି ଶିମିଳିପାଳ ପାଦଦେଶର ପରିବେଶ
- ସୁନେଇ ସେଚ ପ୍ରକଳ୍ପ ନିକଟରେ ବେଆଇନ ଖାଦାନ
- ରାସ୍ତା କାମରେ ଲାଗୁଛି ବେଆଇନ ମୋରମ
- ସରକାର ହରାଉଛନ୍ତି ବିପୁଳ ରାଜସ୍ୱ
- ବନ ଓ ରାଜସ୍ୱ ବିଭାଗ ମଧ୍ୟରେ ରହୁନି ତାଳମେଳ

ଶିମିଳିପାଳ ପାଦଦେଶରେ ଥିବା ପାହାଡିଆ ଅଞ୍ଚଳରେ ବହୁ ବେଆଇନ ମୋରୁମ ଖାଦାନ ଗଢି ଉଠିଛି। ଦିନରାତି ମୋରମ ଉତ୍ତୋଳନ କରାଯାଇ ବିଭିନ୍ନ ସ୍ଥାନକୁ ବିନା ଟ୍ରାନଜିଟ୍ ଓ ବିନା ୱେବିଲ୍‌ରେ ଚାଲାଣ କରାଯାଉଛି । ରାସ୍ତା ନିର୍ମାଣ ସମେତ ଉନ୍ନୟନ କାର୍ଯ୍ୟ ପାଇଁ ମୋରମର ଚାହିଦା ଥିବାରୁ ବେପାରୀମାନେ ବେଆଇନ କାରବାର ଚଳାଇ ମାଲାମାଲ ହେଉଛନ୍ତି। ତହସିଲ ପ୍ରଶାସନ ମୋରମ ବେପାରୀଙ୍କ ଉପରେ କୌଣସି ଅଙ୍କୁଶ ରଖି ପାରୁ ନାହିଁ। ଅନ୍ୟପକ୍ଷେ ବନ ଓ ରାଜସ୍ୱ ବିଭାଗ ମଧ୍ୟରେ ତାଳମେଳ ଅଭାବ ପରିଲକ୍ଷିତ ହୋଇଛି। ଏଥିଲାଗି ସରକାର ପ୍ରତିବର୍ଷ ବିପୁଳ ରାଜସ୍ୱ ହରାଉଛନ୍ତି। ମୋରମ ଖାଦାନ ଯୋଗୁ ଭୂପ୍ରକୃତି ଉଜୁଡି ଯାଉଥିବା ବେଳେ ପରିବେଶରେ ଅସନ୍ତୁଳନ ସ୍ଥିତି ସୃଷ୍ଟି ହେଉଛି। ମୋରମ ଖୋଳା ଯାଉଥିବା ସ୍ଥାନରେ ଖାଲଖମା ସୃଷ୍ଟି ହେଉଥିବାରୁ ଏହା ବିଭିନ୍ନ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି।

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧିନ ଶାଳଚୁଆ ପଞ୍ଚାୟତ ନିକଟରେ ରହିଛି ସୁନେଇ ମଧ୍ୟମ ଜଳ ସେଚନ ପ୍ରକଳ୍ପ। ଏହାର ଉପରମୁଣ୍ଡରେ ଥିବା ବିସ୍ତୀର୍ଣ୍ଣ ଇଲାକାରୁ ଦୀର୍ଘ ଦିନ ହେବ ବେଆଇନ ଭାବେ ମୋରମ ଉତ୍ତୋଳନ ଚାଲିଛି । ସେଠାରେ ଜେସିବି ଦ୍ୱାରା ମୋରମ ଖୋଳାଯାଇ ଏକ ଡଜନରୁ ଅଧିକ ଟ୍ରାକ୍ଟର ଜରିଆରେ ବିଭିନ୍ନ ଜାଗାକୁ ପଠାଯାଉଛି। ସ୍ଥାନୀୟ ଗ୍ରାମବାସୀ ପ୍ରତିବାଦ କଲେ ମୋରମ ମାଫିଆ ନାଲି ଆଖି ଦେଖାଇ ସେମାନଙ୍କୁ ଭୟଭୀତ କରୁଛନ୍ତି। ପ୍ରଶାସନ ନିକଟରେ ଅଭିଯୋଗ କଲେ ସଙ୍ଗେ ସଙ୍ଗେ ଅଭିଯୋଗକାରୀଙ୍କ ନାମ ମାଫିଆଙ୍କ ନିକଟରେ ପହଞ୍ଚ ଯାଉଛି। ମୋରମ ଚୋରା କାରବାର ରୋକିବା ଲାଗି ତହସିଲ ପକ୍ଷରୁ ନାମକୁ ମାତ୍ର ଚଢାଉ କରାଯାଉଛି। କାଁ ଭାଁ ଧରା ଯାଉଥିବା ଗାଡିଠାରୁ ଜରିମାନା ଆଦାୟ କରି ଛାଡି ଦିଆଯାଉଥିବାରୁ ଏହା ବ୍ୟବସାୟୀଙ୍କୁ ବେଶ୍ ସୁହାଉଛି ।

କେତେକ ସ୍ଥାନରେ ମୋରମ ଉତ୍ତୋଳନ ହେଉଥିବା ଜାଗା କାହାର ତାହା ଚିହ୍ନଟ ହୋଇପାରୁ ନାହିଁ। କେତେକ ଏହି ସ୍ଥାନ ବନ ବିଭାଗର କହୁଥିବା ବେଳେ ଅନ୍ୟମାନେ ରାଜସ୍ୱ ବିଭାଗର ବୋଲି କହୁଛନ୍ତି। ଉଭୟ ବିଭାଗ ଏହାକୁ ନେଇ ପରସ୍ପର କାଦୁଅ ଫିଙ୍ଗାଫିଙ୍ଗିରେ ବ୍ୟସ୍ତ ରହୁଛନ୍ତି। କପ୍ତିପଦା ରେଞ୍ଜର ମହେଶ୍ୱର ସିଂଙ୍କୁ ଏ ସମ୍ପର୍କରେ ପଚାରିବାରୁ କହିଛନ୍ତି, ନେଦାମ ଫରେଷ୍ଟ ଗାର୍ଡ ଓ ଷ୍ଟାଫ୍ ସମ୍ପ୍ରତି କେତେକ ସ୍ଥାନ ଅନୁଧ୍ୟାନ କରି ଫେରିଛନ୍ତି। ଘଟଣାସ୍ଥଳରୁ କୋଦାଳ, ଡମା, ଗଇଁତି ଓ ବେଲଚା ଆଦି ଜବତ ହୋଇଛି । ସେଠାରେ କାମ କରୁଥିବା ଲୋକେ ବନ କର୍ମଚାରୀଙ୍କୁ ଦେଖି ଦୌଡି ପଳାଉଥିବାରୁ ସେମାନଙ୍କୁ ଧରା ଯାଇପାରୁ ନାହିଁ। ତେବେ ମୋରମ ଉତ୍ତୋଳନ ସ୍ଥାନ ବନ ବିଭାଗର ନୁହେଁ ବୋଲି ରେଞ୍ଜର ସ୍ପଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ କପ୍ତିପଦା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି । ଉଲ୍ଲେଖନୀୟ ଯେ, ସୁନେଇ ପ୍ରକଳ୍ପ ତଳେ ୧ କୋଟି ୩ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ରାସ୍ତା ଲାଗି ଉକ୍ତ ସ୍ଥାନରୁ ମୋରମ ଚାଲାଣ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରାସ୍ତା ନିର୍ମାଣ କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଗ୍ରାମବାସୀ ଦର୍ଶାଇଛନ୍ତି । ଅଦ୍ୟାବଧି ସେଠାରେ ସୂଚନା ଫଳକ ଲାଗି ନ ଥିବାରୁ ଲୋକେ କାର୍ଯ୍ୟ ସମ୍ପର୍କରେ କୌଣସି ସଠିକ୍ ସୂଚନା ପାଇ ପାରୁ ନାହାନ୍ତି ।



ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# ମାସ୍କଟ୍ ଓଲିକୁ ମୟୂରଭଞ୍ଜରେ ସମ୍ବର୍ଦ୍ଧନା

**ବାରିପଦା ଅଫିସ,୯।୧୧**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ପ୍ରଥମ ଥର ପାଇଁ ଚଳିତ ମାସ ୨୮ରୁ ଡିସେମ୍ବର ୧୬ତାରିଖ ପର୍ଯ୍ୟନ୍ତ ପୁରୁଷ ହକି ବିଶ୍ୱକପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିନିମନ୍ତେ ଆଗ୍ରହ ସୃଷ୍ଟି କରାଯିବା ଲକ୍ଷ୍ୟରେ ମାସ୍କଟ ଓଲି ଶୋଭାଯାତ୍ରା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗତ ୨ତାରିଖରୁ ରାଜ୍ୟସ୍ତରରୁ ଶୁଭାରମ୍ଭ ହୋଇଛି। ଏହା ସମସ୍ତ ଜିଲାକୁ ପରିକ୍ରମା କରୁଛି। ଏନେଇ ବାରିପଦାସ୍ଥିତ ଛଉପଡ଼ିଆଠାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଜିଲାପାଳ ବିନିତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି , ସମ୍ମାନିତ ଅତିଥି ଭାବେ ସାରସକଣା ବିଧାୟକ ଭାଦବ ହାଁସଦା, ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର, ଅତିରିକ୍ତ ଜିଲାପାଳ ଅବୋଲି ନରଭାଣେ, ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶାର ହକି ଖେଳାଳି ଆନ୍ତର୍ଜାତିକ ସ୍ତରରେ ଦେଶର ଗୌରବ ବୃଦ୍ଧି କରୁଥିବା ବେଳେ ଏହା ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତ ପାଇଥିଲା। ଏହି ଅବସରରେ ମାସ୍କଟ ଓଲିର ଅଭିଯାତ୍ରୀ ଦଳର ଇଭେଣ୍ଟ ମ୍ୟାନେଜମେଣ୍ଟ ମ୍ୟାନେଜର ସମ୍ପିତ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା କ୍ରୀଡା ଅଧିକାରୀ ପ୍ରଦୀପ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡା ପ୍ରଶିକ୍ଷକ ରଞ୍ଜନ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିଏଆଇଟିଡିଏ ବିଜନ ଥମ୍ବ, ବିଡ଼ିଓ ବାରିପଦା ସରୋଜ କୁମାର ଦାସ, ଜିଲା କ୍ରୀଡା ସଂସଦ ସମ୍ପାଦକ କିଶୋର କୁମାର ବିଶ୍ୱାଳଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ପଦାଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ।

## ବିମୁଦ୍ରୀକରଣକୁ ୨ ବର୍ଷ ପୁରିଲା କଳାଦିବସ ପାଳିଲା କଂଗ୍ରେସ

**ବାରିପଦା ଅଫିସ,୯।୧୧**

ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲା କଂଗ୍ରେସ କମିଟି ପକ୍ଷରୁ ବିମୁଦ୍ରୀକରଣକୁ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ କଳାଦିବସ ପାଳିତ ହୋଇଯାଇଛି। ବାରିପଦା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। ବିଭିନ୍ନ ବକ୍ତାମାନେ ବିମୁଦ୍ରୀକରଣ ପରେ ଗରିବ ଓ ମଧ୍ୟବିତ ଶ୍ରେଣୀଙ୍କର ଯେଉଁ କ୍ଷତି ଘଟିଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ଜିଲା ସଭାପତି ହେମ୍ବ୍ରମ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଶିବ ଗିରି, ଜିଲା ପ୍ରବକ୍ତା ବିଜନ ଦାସ, ଅଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ମହିଳା ସଭାପତି ସୁସ୍ମିତା ଘୋଷାଲ, ଯୁବ ସଭାପତି ରାକେଶ ସିଂ, ଉପସଭାପତି ଅରବିନ୍ଦ ଦାସ, ଅଶୋକ ଅଧିକାରୀ ଯୋଗଦେଇଥିଲେ।




ବିମୁଦ୍ରୀକରଣକୁ ବିରୋଧ କରି ଜିଲା କଂଗ୍ରେସ ପକ୍ଷରୁ କଳା ଦିବସ ପାଳିତ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ନିଗମଜ୍ୟୋତି



@ ସମାଲି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଜାତୀୟ ଆଇନ ସେବା ଦିବସ

**ବାରିପଦା ଅଫିସ,୯।୧୧**

ମୟୂରଭଞ୍ଜ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସ୍ଥାନୀୟ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସହର ସ୍ଥିତ ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସାଧାରଣ ଜନତାଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଜିଲା ଦୌରାଜଜ ସଞ୍ଜୟ ରଞ୍ଜନ ବହିଦାର ଏହି ରାଲିକୁ ଶୁଭାରମ୍ଭ କରିଥିଲେ। ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଓ ଦୌରାଜଜ ଶ୍ରୀ ବହିଦାର,ଜିଲା ଆଇନସେବା ପ୍ରାଧିକରଣ ସଚିବ ସ୍ମୃତି ରଞ୍ଜନ ମହାପାତ୍ର, ଫ୍ୟାମିଲି କୋର୍ଟ ଜଜ ଗଣେଶ୍ୱର ପତି, ଅତିରିକ୍ତ ଜିଲା ଦୌରାଜଜ(୧) ସମର ବିଲାସ ବେହେରା, ଅତିରିକ୍ତ ଜିଲା ଦୌରାଜଜ(୨) ଇତିଶ୍ରୀ ମହାପାତ୍ର, ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ଡ.ଭି ସୁଜାତା, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶାନ୍ତନୁ କୁମାର ଦାଶ, ସିନିୟର ସିଭିଲ ଜଜ ପୂଜା ଷଡଙ୍ଗୀ, ଆଡିସନାଲ ସିନିୟର ସିଭିଲ ଜଜ ସୁଶୀଲ କୁମାର ସାହୁ, ଏସଡିଜେଏମ ସୁମିତା ଆଚାର୍ଯ୍ୟ, ଜେଏମଏଫସି ଚିନ୍ମୟ କୁମାର ପାଢ଼ୀ,ଜେଏମଏଫସି ସୋନାଲି ସରିତା, ସୁଶ୍ରୀ ନିଲୋଫର, ସିଦ୍ଧାର୍ଥ ଶଙ୍କର ସେନାପତି,କୁମାର ସ୍ପନ୍ଦନ, କୋର୍ଟ ମ୍ୟାନେଜର ମଳୟ କୁମାର ଗିରି,ଏମକେସି ହାଇସ୍କୁଲର ଭାରପ୍ରାପ୍ତ ଶିକ୍ଷକ ଅମୂଲ୍ୟ କୁମ୍ଭକାର,ଏକପିକେ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଭକ୍ତହରି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ରୋଗ ପୋକ ଦାଉରୁ ଫସଲ ନଷ୍ଟ

**ଖୁଣ୍ଟା, ୯।୧୧(ଡି.ଏନ.ଏ.)**

ଚକଡ଼ା ଓ ମାଟିଆଗୁଣ୍ଡି ରୋଗ ଓ ପୋକ ପ୍ରଭାବରେ ଗୋପବନ୍ଧୁନଗର ବ୍ଲକ ଅଧୀନ କୁଶଳଦା ପଞ୍ଚାୟତର ବହୁ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଯାଇଛି। ଏଥିନିମନ୍ତେ ଚାଷୀମାନେ ସମବାୟ ସମିତି ଓ ବ୍ୟାଙ୍କରୁ ଋଣ ଏବଂ ଧାରଉଧାର କରିଥିବା ବେଳେ ଉକ୍ତ ଟଙ୍କା ଶୁଝିପାରୁ ନାହାନ୍ତି। ତେଣୁ ଅନନ୍ୟୋପାୟ ହୋଇ କ୍ଷତିପୂରଣ ନିମନ୍ତେ ସେମାନେ ଶୁକ୍ରବାର ନଷ୍ଟ ହୋଇଥିବା ଧାନ ବିଡା ଧରି ବିଡିଓଙ୍କ ନିକଟକୁ ଅଭିଯୋଗ ଜଣାଇବାକୁ ଯାଇଥିଲେ। ଗୋପବନ୍ଧୁନଗର ବ୍ଲକ ଅଧୀନ କୁଶଳଦା, ପଦ୍ମପୁର, କେନ୍ଦୁଆଖୁଣ୍ଟା, ସିଆଳଘଟି, ନହରା ଆଦି ଗ୍ରାମର ବହୁ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଚଳିତ ଖରିଫ ଚାଷରେ ସେମାନେ ଧାର ଉଧାର କରି ଚାଷ କରିଥିବା ବେଳେ ଚକଡ଼ା ଓ ମାଟିଆଗୁଣ୍ଡି ରୋଗ ଓ ପୋକ ପ୍ରଭାବରେ ଧାନ ଚାଷ ନଷ୍ଟ ହୋଇଯାଇଛି । କୃଷି ବିଭାଗ ପକ୍ଷରୁ ଏହି ରୋଗ ପୋକର ନିୟନ୍ତ୍ରଣ ପାଇଁ ରିହାତି ଦରରେ ଔଷଧ ଯୋଗାଇ ଦିଆଯାଇଥିବା ବେଳେ ସେଥିରେ କୌଣସି ପ୍ରଭାବ ପଡିନାହିଁ । ଏପରିକି କେତେକ ଜମିରେ ୩୦ ପ୍ରତିଶତ ଧାନ ମଧ୍ୟ ଅମଳ ହେବାର ସମ୍ଭାବନା ନାହିଁ ବୋଲି କୁଶଳଦା ଗ୍ରାମର ଚାଷୀ ସନ୍ତୋଷ କୁମାର ବେହେରା କହିଛନ୍ତି। ସେହିପରି ଚାଷୀ ବିଶ୍ୱନାଥ ବାରିକ କେତେକ ଜମିରେ ଖର୍ଚ୍ଚ ହୋଇଥିବା ବିହନ ମଧ୍ୟ ଆଦାୟ ହେବନାହିଁ ବୋଲି କହିଛନ୍ତି। ଫଳରେ ଚାଷୀମାନେ ଋଣ ଶୁଝିବାକୁ ନେଇ ଚିନ୍ତାରେ ଥିବାବେଳେ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ କ୍ଷତିପୂରଣ ଦେବା ପାଇଁ ଜିଲାପାଳ, ସ୍ଥାନୀୟ ତହସିଲଦାର ଓ ବିଡ଼ିଓଙ୍କଠାରେ ଲିଖିତ ଭାବେ ଦାବି ହୋଇଛି। ଗୋପବନ୍ଧୁନଗର ବିଡ଼ିଓ ମନୋଜ କୁମାର ବେହେରା କ୍ଷୟକ୍ଷତିର ଆକଳନ ପାଇଁ ଆରଆଇଙ୍କୁ ନିର୍ଦ୍ଦେଶ ଦେବେ ବୋଲି ଚାଷୀମାନଙ୍କୁ କହିଛନ୍ତି ।



ନଷ୍ଟ ହୋଇଥିବା ଧାନ ବିଡା ସହ ଅଭିଯୋଗ ଜଣାଇବାକୁ ଆସିଥିବା ଚାଷୀମାନେ।

# ଜନସମ୍ପର୍କ ପଦଯାତ୍ରାରେ ଶକ୍ତି ପ୍ରଦର୍ଶନ

**ଉଦଳା ,୯।୧୧ (ଡି.ଏନ.ଏ.)**

ଉଦଳା ନିର୍ବାଚନମଣ୍ଡଳୀ ଅଧୀନ ଗୋପବନ୍ଧୁନଗର, ଉଦଳା, କପ୍ତିପଦା ଏବଂ ସ୍ଥାନୀୟ ଏନଏସି ଇଲାକାରେ ପର୍ଯ୍ୟାୟକ୍ରମେ ଜନସମ୍ପର୍କ ପଦଯାତ୍ରା ଶେଷ ହୋଇଛି। ହେଲେ ଶୁକ୍ରବାର ଏହି ଜନସମ୍ପର୍କ ପଦଯାତ୍ରା ନାମରେ ଶାସକ ଦଳ ପକ୍ଷରୁ ଉଦଳାଠାରେ ଶକ୍ତି ପ୍ରଦର୍ଶନ କରାଯାଇଥିବା ପରିଲକ୍ଷିତ ହୋଇଛି । ରାଜନୈତିକ ଦୃଷ୍ଟି କୋଣରୁ ୨୦୧୯ ନିର୍ବାଚନକୁ ନେଇ ଶାସକ ଦଳ ପ୍ରଚାର ପ୍ରକ୍ରିୟା ଆରମ୍ଭ କରିଥିବା ଆଲୋଚନା ହେଉଛି । ଯାହାକୁ ନେଇ ନିର୍ବାଚନମଣ୍ଡଳୀରେ ଥିବା ୩ ଗୋଟି ବ୍ଲକ ଏବଂ ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱକର୍ମୀଙ୍କୁ ନେଇ ସମାବେଶକୁ ଜୋରଦାର କରାଯାଇଛି। ଏଥିଯୋଗୁ ବିରୋଧି ଦଳଙ୍କ ମଧ୍ୟରେ ରାଜନୈତିକ ସମୀକରଣ ବିଗିଡି ଯାଇଥିବା ଆଲୋଚନା ହେଉଛି ।

ଜନସମ୍ପର୍କ ପଦଯାତ୍ରାରେ ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱରେ ଥିବା ବିଧାୟକ ଅରୁଣ କୁମାର ସାହୁ, ଜିଲା ବିଜେଡି ସଭାପତି ପ୍ରବୀଣ ଭଞ୍ଜଦେଓ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ବିଧାୟକ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଜିଲା ବିଜେଡି ଉପସଭାପତି ମନୋଜ କୁମାର ମହାନ୍ତି, ବିଜେଡିର ଜିଲା କାର୍ଯ୍ୟକାରିଣୀ ସଭାପତି ଦେବାଶିଷ ମହାନ୍ତି, ଯୁବ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତି, ଜୋନାଲ ଯୁବ ବିଜେଡି ସଭାପତି ସୁବ୍ରମଣ୍ୟମ ମହାନ୍ତି, ରାଜ୍ୟ ସମ୍ପାଦକ କୋହିନୂର ଇସଲାମ ପ୍ରମୁଖ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଉଦଳା ସହର ପରିକ୍ରମା କରିବା ସହିତ ସ୍ଥାନୀୟ ରାଜୀବଗାନ୍ଧୀ ପଡିଆଠାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବହୁ ସଂଖ୍ୟାରେ ବିଜେଡିର ନେତା ଏବଂ କର୍ମୀମାନେ ଯୋଗ ଦେଇଥିଲେ । ସେମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବାବଦରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିବା ସହିତ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ । ବିଭିନ୍ନ କ୍ଷେତ୍ରରେ ରାଜ୍ୟକୁ କେନ୍ଦ୍ରର ଅବହେଳା, ଅହେତୁକ ତୈଳଦର ବୃଦ୍ଧି ଏବଂ ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଭର୍ତ୍ସନା କରିଥିଲେ ବିଜେଡି ନେତା । ନବୀନ ସରକାରଙ୍କର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ଉପସ୍ଥିତ ନେତା କହିଥିଲେ । ଏହା ସହିତ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନେଇ କେନ୍ଦ୍ର ସରକାର ବାରମ୍ବାର ରାଜ୍ୟକୁ ଅଣଦେଖା କରୁଥିବାରୁ ଏହାକୁ ବିରୋଧ କରି କେନ୍ଦ୍ର ସରକାରଙ୍କୁ ଏହି ବୈଠକରେ କଟୁ ସମାଲୋଚନା କରିଥିଲେ ବିଜେଡି ନେତାଗଣ । ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଉଦଳା ନଗର ସଭାପତି ବନମାଳୀ ବେହେରା, ସାନ୍ତାଳି ଯୁବ ନେତା ବସେନ ମାରାଣ୍ଡି, ଅନଙ୍ଗ ସେନାପତି, ସୁବାଷ ଦଳେଇ, ବିଜୟ ସେନାପତି ପ୍ରମୁଖ ଯୋଗ ଦେଇଥିଲେ ।



ସଭାରେ ମଞ୍ଚାସୀନ ବିଜେଡିର ନେତୃବୃନ୍ଦ।

- କେନ୍ଦ୍ର ଉପରେ ବର୍ଷିଲେ ନେତାଗଣ
- ନିଜ ଜନହିତକର ଯୋଜନା ବଖାଣିଲେ
- କେନ୍ଦ୍ରର ଅବହେଳାକୁ ସମାଲୋଚନା
- ବିରୋଧୀଙ୍କ ରାଜନୈତିକ ସମୀକରଣ ବିଗିଡିବା ଆଲୋଚନା

# ସ୍ୱାସ୍ଥ୍ୟବୀମା ନାଁରେ ଠକେଇ

- ସରପଞ୍ଚଙ୍କୁ ଅଟକ ନେଇ ଉତ୍ତେଜନା
- ଭାଜପା ପକ୍ଷରୁ ଥାନାରେ ଆନ୍ଦୋଳନ

**ରୂପ୍‌ସା, ୯।୧୧(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ କସିପଦା ପଞ୍ଚାୟତରେ ଗୁରୁବାର ଏକ ସଂସ୍ଥା ପକ୍ଷରୁ ସ୍ୱାସ୍ଥ୍ୟବୀମା ନାଁରେ ବେଆଇନ ଭାବେ ଟଙ୍କା ଆଦାୟ ହେଉଥିବା ଅଭିଯୋଗ ହୋଇଛି। ରୂପ୍‌ସା ଥାନା ପୋଲିସ ଏନେଇ ମାମଲା ରୁଜୁ କରି ସଂସ୍ଥାର କୋ–ଅର୍ଡିନେଟର ଖଇରା ଅଞ୍ଚଳର ପର୍ଶୁରାମ ଲେଙ୍କା ଓ କସିପଦା ସରପଞ୍ଚଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଥିଲେ। ହେଲେ ବିଜେଡି ଓ କଂଗ୍ରେସ ପକ୍ଷରୁ ସରପଞ୍ଚଙ୍କୁ ଗିରଫ ଦାବି କରାଯିବାରୁ ରାଜନୀତି ଜୋର ଧରିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସରପଞ୍ଚଙ୍କୁ ଥାନାରୁ ଛଡ଼ା ନ ଯିବାରୁ ଶତାଧିକ ମହିଳା, ପୁରୁଷ ଓ ଭାଜପା କର୍ମୀ ଥାନା ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଶେଷରେ ଜିଲା ସଭାପତି ମଦନମୋହନ ଦତ୍ତ, ବସ୍ତା ଏସ୍‌ଡ଼ିପିଓ ରଣଜିତ୍ ପୃଷ୍ଟି ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଟକ ସରପଞ୍ଚ ଓ କୋଅର୍ଡିନେଟରକୁ ପୋଲିସ ନୋଟିସ ଦେଇ ଛାଡ଼ିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ବରହମପୁର ଗାଁରେ ଆରୋଗ୍ୟମ ଭାରତ ମିଶନ ଟ୍ରଷ୍ଟ ନାମକ



ଥାନା ସମ୍ମୁଖରେ ଭାଜପା କର୍ମୀଙ୍କ ବିକ୍ଷୋଭ।

ସଂସ୍ଥାରେ ସ୍ୱାସ୍ଥ୍ୟବୀମା ଭୁକ୍ତ ପାଇଁ କୋଅର୍ଡିନେଟର ପର୍ଶୁରାମ ଲେଙ୍କା ପରିବାର ପିଛା ୧୫୦ଟଙ୍କା ଆଦାୟ କରୁଥିଲେ। ମାତ୍ର ରସିଦ୍ ନ ଦେବାରୁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଗ୍ରାମର ଚନ୍ଦନ କୁମାର ପ୍ରଧାନ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରପଞ୍ଚଙ୍କ ସମ୍ପୃକ୍ତି ଥିବା ଅଭିଯୋଗକୁ ଭିତ୍ତି କରି ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଏକ ମାମଲା (ନଂ. ୮୨/୧୮) ରୁଜୁ କରି କୋଅର୍ଡିନେଟର ଲେଙ୍କା ଓ ସରପଞ୍ଚଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଥିଲେ। ସଂସ୍ଥାର କୋଅର୍ଡିନେଟରଙ୍କଠାରୁ ବେଆଇନ ଆଦାୟ ହୋଇଥିବା ୨,୨୫୦ ଟଙ୍କା ଓ ଆବେଦନ ଫର୍ମ ଜବତ କରାଯାଇଥିଲା। ସରପଞ୍ଚଙ୍କୁ ଗିରଫ କରାଯିବା ଲାଗି ଯୋଜନା କରାଯାଉଥିବା ଆଭାସ ପାଇ ଭାଜପା ପକ୍ଷରୁ ରାତିରେ ଥାନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତି ନ ଥିବା ଦର୍ଶାଇ ସରପଞ୍ଚଙ୍କୁ ତୁରନ୍ତ ଛାଡ଼ିବା ପାଇଁ ସମର୍ଥକମାନେ ଜିଦ୍ ଧରିଥିଲେ। ଜିଲା ସଭାପତି ଦତ୍ତ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଏସ୍‌ଡ଼ିପିଓ ଓ ଥାନାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଉଭୟଙ୍କୁ ପୋଲିସ ନୋଟିସ ଦେଇ ଛାଡ଼ିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତଦନ୍ତ ମୁତାବକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସୁଚନ୍ଦ୍ର ମହାଳିକ କହିଛନ୍ତି।




## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ଭଦ୍ରକ ଅଫିସ,୯।୧୧**–କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ମହେନ୍ଦ୍ର କୁମାର ମଲ୍ଲିକ ଶୁକ୍ରବାର ଭଦ୍ରକ ଜିଲାକୁ ଦିନିକିଆ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ଜିଲାର ରାଜସ୍ୱ ମାମଲା ଉପରେ ସେ ସମୀକ୍ଷା କରିଥିଲେ। ରାଜସ୍ୱ ବିଭାଗର ନାମଜାରି, କିସମ ପରିବର୍ତ୍ତନ, ପୃଥକୀକରଣ ମାମଲା, ବେବନ୍ଦୋବସ୍ତ, ସଇରାତ ଆଦି ବିଭିନ୍ନ ରାଜସ୍ୱ ସମ୍ପର୍କରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଚଳିତବର୍ଷ ଜିଲାରେ ରାଜସ୍ୱ ଆଦାୟ ଲକ୍ଷ୍ୟଧାର୍ଯ୍ୟ ପୂରଣ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୩ ଦୋକାନ ପୋଡିଗଲା

**ବାଲିଆପାଳ/ବସ୍ତା, ୯।୧୧ (ସ୍ୱ.ପ୍ର./ ଡି.ଏନ.ଏ.):** ବାଲିଆପାଳ ବ୍ଲକ ସିଂଲା ଥାନା ଅନ୍ତର୍ଗତ କୁଣ୍ଡୁଳୀ ପଞ୍ଚାୟତର ନିମପଦା ବଜାରରେ ଅଗ୍ନିକାଣ୍ଡ ଘଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। କୁଣ୍ଡୁଳୀ ପଞ୍ଚାୟତ ତାଳନେଣ୍ଡୁଆ ଗ୍ରାମର ରବୀନ୍ଦ୍ର ସେଠୀ, କୁଣ୍ଡୁଳୀ ଗ୍ରାମର ବରେନ୍ଦ୍ର ଜେନା ଓ ସୁଶାନ୍ତ ମଲ୍ଲିକ ସ୍ଥାନୀୟ ନିମପଦା ବଜାରରେ ଲୁଗା ଏବଂ ସଉଦା ଦୋକାନ କରିଥିଲେ। ଗୁରୁବାର ରାତିରେ ଦୋକାନ ବନ୍ଦ କରିଯାଇଥିଲେ। ଶୁକ୍ରବାର ସକାଳେ ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ପାଖ ଦୋକାନୀମାନେ ଖବର ଦେବାରୁ ସେମାନେ ସେଠାରେ ପହଞ୍ଚିଥିଲେ। ସେତେବେଳକୁ ଦୋକାନ ୩ଟି ପୋଡ଼ିଯିବା ସହିତ ଦୋକାନରେ ଥିବା ୩ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ି ଭସ୍ମ ହୋଇଯାଇଛି। ବିଦ୍ୟୁତ୍ ଶର୍ଟ୍‌ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### ଚମ୍ପଟ ଅଭିଯୁକ୍ତ ଗିରଫ

**ଜଳେଶ୍ୱର, ୯।୧୧(ଡି.ଏନ.ଏ.):** ଜଳେଶ୍ୱର ସହର ନୂଆବଜାରସ୍ଥିତ ଜିକେ ଭଞ୍ଜ ସରକାରୀ ଡାକ୍ତରଖାନା ପରିସରରୁ ଗତ ୫ ତାରିଖରେ ପୋଲିସ ଆଖିରେ ଧୂଳି ଦେଇ ଚମ୍ପଟ ମାରିଥିବା ଅଭିଯୁକ୍ତ ନାମ୍ପୋ ଗ୍ରାମର ଯୁବକ ପ୍ରିୟବ୍ରତ ମହାପାତ୍ରଙ୍କୁ ଜଳେଶ୍ୱର ପୋଲିସ ଭୋଗରାଇ ଥାନା ବହଳିଆ ଗ୍ରାମରୁ ଗିରଫ କରିବାରେ ସଫଳ ହୋଇଛି। ଥାନା ଆଇଆଇସି ପ୍ରଦୀପ କୁମାର ମାଝିଙ୍କ ନେତୃତ୍ୱରେ ଏଏସ୍‌ଆଇ ସତ୍ୟନାରାୟଣ ବଳ, ସଦାଶିବ ନାୟକ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ଚମ୍ପଟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଅଭିଯୁକ୍ତ ପ୍ରିୟବ୍ରତ ସହର ଉପକଣ୍ଠ ରାଜପୁର ପଞ୍ଚାୟତ ମିଲଟାରୀ ବଜାର ଅଞ୍ଚଳର ମହେଶ୍ୱର ସେଠୀଙ୍କ ଶିଶୁପୁତ୍ରଙ୍କ ବେକରୁ ଏକ ସୁନା ପଦକ କାଟିନେଇ ପଳାଇ ଯାଉଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରି ଥାନା ଜିମା ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା(ନଂ.୩୨୫/୧୮) ରୁଜୁ ହୋଇଥିଲା। ଗିରଫ ହେବା ପରଦିନ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଡାକ୍ତରଖାନା ନିଆଯାଇଥିବା ବେଳେ ସେ ସେଠାରେ ଚମ୍ପଟ ମାରିଥିଲେ।

# ଟ୍ରାଙ୍କୁଲାଇଜ୍ କରି ଭାଲୁଛୁଆ ଉଦ୍ଧାର

**ସଜନାଗଡ଼,୯।୧୧(ଡି.ଏନ.ଏ.)**

ବାର୍‌ହା ଧରିବା ସକାଶେ ଶିକାରୀମାନେ ବସାଇଥିବା ଫାଶରେ ପଡିଥିବା ଏକ ଭାଲୁଛୁଆକୁ ଉଦ୍ଧାର କରିବା ଲାଗି ବନ ବିଭାଗ କର୍ମଚାରୀଙ୍କୁ ନାକେଦମ୍ ହେବାକୁପଡିଛି। ଶେଷରେ ଟ୍ରାଙ୍କୁଲାଇଜର ସାହାଯ୍ୟରେ ଭାଲୁଛୁଆକୁ ଅଚେତ କରି ଉଦ୍ଧାର କରିବାକୁ ପଡିଛି। ଚିକିତ୍ସା ପରେ ସୁସ୍ଥ ହେବା ପରେ ପ୍ରାୟ ଦେଢ଼ବର୍ଷର ଏହି ଭାଲୁଛୁଆକୁ ଜଙ୍ଗଲରେ ଛାଡି ଦିଆଯାଇଛି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସ୍ୱର୍ଣ୍ଣଚୂଡ଼ ପାହାଡ଼ର କାଠଗୁଛି–ଗୁଜୁଡ଼ିଆ ନିକଟ ଜଙ୍ଗଲ ତଳି ଇଲାକାରେ ଏହି ଭାଲୁଛୁଆ ଫାଶରେ ପଡିଥିବା ଶୁକ୍ରବାର ଭୋର୍ ସମୟରେ ଦେଖିବାକୁ ମିଳିଥିଲା। ଗୁରୁବାର ରାତିରେ ଖାଦ୍ୟ ଅନ୍ୱେଷଣରେ ଏହି ଭାଲୁଛୁଆ ସମ୍ଭବତଃ ମା' ସହିତ ସ୍ୱର୍ଣ୍ଣଚୂଡ଼ ପାହାଡ଼ ତଳି ଇଲାକାକୁ ଆସିଥିବା ବେଳେ ଶିକାରୀମାନେ ବସାଇଥିବା ଫାସରେ ପଡି ଯାଇଥିଲା। ଭାଲୁଛୁଆ ଫାସରେ ଫସି ରହି ଗର୍ଜନ କରୁଥିବା ଗ୍ରାମବାସୀ ଜାଣି ନୀଳଗିରି ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ଭାଲୁକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ସେମାନେ ଏଥିରେ ଅସଫଳ



ବାର୍‌ହା ଧରିବାକୁ ବସାଯାଇଥିବା ଫାଶରେ ଭାଲୁ ଛୁଆ।

ହେବାରୁ ଶେଷରେ ବାରିପଦାରୁ ଟ୍ରାଙ୍କୁଲାଇଜର୍ ଟିମ୍‌କୁ ଡକାଯାଇଥିଲା। ଟ୍ରାଙ୍କୁଲାଇଜର୍ ଟିମ୍ ପହଞ୍ଚି ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ଟ୍ରାଙ୍କୁଲାଇଜର୍ ପ୍ରୟୋଗ କରାଯିବାରୁ ଭାଲୁଛୁଆ ନିସ୍ତେଜ ହୋଇପଡିଥିଲା। ପରେ ତାକୁ ଆବଶ୍ୟକ ଚିକିତ୍ସା କରାଯାଇ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲରେ ଛଡା ଯାଇଥିଲା। ବାରିପଦାରୁ ଆସିଥିବା ଟ୍ରାଙ୍କୁଲାଇଜର ଟିମ୍ ସହ ନୀଳଗିରି ରେଞ୍ଜର ସୁକୁମାର ଦାସ, ଫରେଷ୍ଟର ଓ ସବୁଜବାହିନୀ ଏହି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଗତ କିଛିଦିନ ପୂର୍ବରୁ ନୀଳଗିରି ବ୍ଲକ ଅନ୍ତର୍ଗତ ବାଘମରା ନୁଆକୁଳିଆ ଅଞ୍ଚଳରେ ଅନୁରୂପ ଫାଶରେ ପଡିଥିବା ଅନ୍ୟ ଏକ ଭାଲୁଛୁଆକୁ ଟ୍ରାଙ୍କୁଲାଇଜର୍ ଟିମ୍ ଦ୍ୱାରା ଉଦ୍ଧାରକରି ଜଙ୍ଗଲରେ ଛଡ଼ା ଯାଇଥିଲା।

ନୀଳଗିରି ବନାଞ୍ଚଳରେ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ବନ୍ୟଜନ୍ତୁ ଅସୁରକ୍ଷିତ ଅବସ୍ଥାରେ ରହୁଥିବାରୁ ଶିକାରୀଙ୍କ ପ୍ରତି କଡା ନଜର ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

### ଗାଡି ମାଲିକମାନଙ୍କ ନିମନ୍ତେ ବିଶେଷ ସୂଚନା

ସମ୍ବାଦ, ସମାଜ ଏବଂ ଧରିତ୍ରୀ ଖବରକାଗଜରେ ତା ୨୧.୧୦.୨୦୧୮ରିଖରେ ପ୍ରକାଶିତ ହୋଇଥିବା ବିଜ୍ଞାପନ ଅନୁଯାୟୀ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ଦାଖଲ ହୋଇଥିବା ଦରଖାସ୍ତଗୁଡିକୁ ତା ୧୨.୧୧.୨୦୧୮, ୧୩.୧୧.୨୦୧୮, ୧୪.୧୧.୨୦୧୮, ୧୫.୧୧.୨୦୧୮, ୧୬.୧୧.୨୦୧୮ ଏବଂ ୧୭.୧୧.୨୦୧୮ ରିଖ ଦିନ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଥିଲା। ଅନିବାର୍ଯ୍ୟ କାରଣବଶତଃ ପରମିଟ୍ କମିଟି ବୈଠକ ଉପରୋକ୍ତ ତାରିଖ ପରିବର୍ତ୍ତେ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ଆବେଦନକାରୀ ଗାଡି ମାଲିକ ତଥା ପ୍ରତିପକ୍ଷ ଦରଖାସ୍ତକାରୀମାନେ ଉକ୍ତ ତାରିଖ ଓ ସମୟରେ ନିଜେ କିମ୍ବା ପ୍ରାଧିକୃତ ବ୍ୟକ୍ତିଙ୍କ ଜରିଆରେ ହାଜର ହୋଇ ଆବଶ୍ୟକ କାଗଜାତ ଦାଖଲ କରି ନିଜର ପକ୍ଷ ରଖିପାରିବେ।

ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ତା୨୦.୧୧.୨୦୧୮ ରିଖ ସୁଦ୍ଧା ଆପତି ଦାଖଲ କରିପାରିବେ। ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ।

| କ୍ରମିକ ସଂଖ୍ୟା | ପୂର୍ବ ତାରିଖ | ପରିବର୍ତ୍ତିତ ତାରିଖ | ସମୟ |
|---|---|---|---|
| ୧ ରୁ ୬୦ | ୧୨.୧୧.୨୦୧୮ | ୨୬.୧୧.୨୦୧୮ | ପୂର୍ବାହ୍ନ ୧୧ ଘଟିକା |
| ୬୧ ରୁ ୧୨୦ | ୧୩.୧୧.୨୦୧୮ | ୨୭.୧୧.୨୦୧୮ | |
| ୧୨୧ ରୁ ୧୮୦ | ୧୪.୧୧.୨୦୧୮ | ୨୮.୧୧.୨୦୧୮ | |
| ୧୮୧ ରୁ ୨୪୦ | ୧୫.୧୧.୨୦୧୮ | ୨୯.୧୧.୨୦୧୮ | |
| ୨୪୧ ରୁ ୩୦୦ | ୧୬.୧୧.୨୦୧୮ | ୩୦.୧୧.୨୦୧୮ | |
| ୩୦୧ ରୁ ୩୪୬ | ୧୭.୧୧.୨୦୧୮ | ୦୧.୧୨.୨୦୧୮ | |

ସଚିବ
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ

# ୪ ଦିନ ହେବ ଫେରିପାରୁନି ଦାଦନ ଶ୍ରମିକଙ୍କ ମୃତଦେହ

**ବାରିପଦା ଅଫିସ,୯।୧୧**

ବର୍ଷେ ପୂର୍ବେ ତାଲିମନାଡୁକୁ ଦାଦନ ଖଟିବାକୁ ଯାଇଥିବା ବାରିପଦା ବାଘଡା ରୋଡ ଅଞ୍ଚଳର ଦେବାଶିଷ ସାହୁ ନାମକ ଯୁବକଙ୍କର ଗତ ୬ ତାରିଖରେ ତାମିଲନାଡୁରେ ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ମୃତଦେହ ଏ ଯାଏ ଘରକୁ ଫେରି ପାରୁନି। ଘରର ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ପରିବାର ଲୋକେ ଜିଲା ପ୍ରଶାସନକୁ ଏନେଇ ଗୁହାରି ଜଣାଇଛନ୍ତି।

ପ୍ରାୟ ବର୍ଷେ ପୂର୍ବେ ତାମିଲନାଡୁ ଯାଇ ଦେବାଶିଷ ଏକ ନଡିଆ କତା ଫ୍ୟାକ୍ଟ୍ରିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଆସନ୍ତା ଜାନୁୟାରୀରେ ମକର ପର୍ବ ଥିବାରୁ ସେ ଘରକୁ ଫେରିବାକୁ କହିଥିଲେ। ହେଲେ ତାହା ପୂର୍ବରୁ ଗତ ୬ ତାରିଖରେ ତାଙ୍କ ମୃତ୍ୟୁ ହୋଇଯାଇଥିବା ନେଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଦେବାଶିଷ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ଏହି ଖବର ପାଇବା ପରେ ପରିବାର ସଦସ୍ୟଙ୍କ ମୁଣ୍ଡରେ ଚଡ଼କ ପଡିଛି। ହେଲେ ପରିବାରର ଆର୍ଥିକ ଅବସ୍ଥା ଠିକ୍ ନ ଥିବାରୁ ୪ ଦିନ ହେବ ଦେବାଶିଷଙ୍କ ମୃତଦେହ ବାରିପଦା ଆସି ପାରିନାହିଁ। ଅନ୍ୟପକ୍ଷେ ଦେବାଶିଷଙ୍କୁ ନେଇଥିବା ଦଲାଲ ଓ କମ୍ପାନୀ ଧରାଛୁଆଁ ଦେଉ ନ ଥିବା ମୃତକଙ୍କ ବାପା ଅଶୋକ ଶୁକ୍ରବାର ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ସେ ଗରିବ ଖଟିଖିଆ ପରିବାରର ହୋଇଥିବାରୁ ସେଠାକୁ ଯାଇ ପୁଅର ମୃତଦେହ ଆଣିବାକୁ ସକ୍ଷମ ନୁହନ୍ତି ସବୁ ଆଡୁ ଅସହାୟ ହୋଇ ପୁଅର ମୃତଦେହ ଫେରାଇ ଆଣିବାକୁ ସେ ଜିଲା ପ୍ରସାଶନ ସହଯୋଗ ଲୋଡିଛନ୍ତି। ଅପରପକ୍ଷେ ଦେବାଶିଷଙ୍କ ମୃତ୍ୟୁ ନେଇ କମ୍ପାନୀ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବା ପରିବାର ଲୋକେ କହିଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ବାଡିରେ ପିଟି ପୁଅକୁ ହତ୍ୟା

ଯୋଡା, ୯।୧୧(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ବେଲଦା ମୁଣ୍ଡା ସାହିରେ ଜଣେ ମା' ବାଡିରେ ପିଟି ତାଙ୍କ ପୁଅଙ୍କୁ ହତ୍ୟା କରିବା ଘଟଣା ଉକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଉକ୍ତ ଗ୍ରାମରେ ଚାରିବା ମୁଣ୍ଡା ଓ ତାଙ୍କ ୨୭ ବର୍ଷର ପୁଅ ମଙ୍ଗଳ ମୁଣ୍ଡାଙ୍କ ସହ ରହୁଥିଲେ। ପ୍ରତିଦିନ ପୁଅ ମଙ୍ଗଳ ମୁଣ୍ଡା ମଦ୍ୟପାନ କରି ଘରକୁ ଆସି ମା'ଙ୍କ ସହ ଝଗଡା କରନ୍ତି। ମଦ୍ୟପାନ ନ କରିବା ପାଇଁ ମଙ୍ଗଳଙ୍କୁ ମା' ବୁଝାଉଥିଲେ। ସେ ବୁଝୁ ନ ଥିଲେ। ଗୁରୁବାର ସନ୍ଧ୍ୟା ସମୟରେ ମଙ୍ଗଳ ମଦ୍ୟପାନ କରି ମା'ଙ୍କ ସହ ଝଗଡା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଚାରିବା ଏକ ବାଡିରେ ପୁଅକୁ ବାଡେଇଥିଲେ। ଏଥିରେ ପୁଅ ମଙ୍ଗଳଙ୍କର ରକ୍ତସ୍ରାବ ଘଟି ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଶୁକ୍ରବାର ସକାଳେ ସ୍ଥାନୀୟ ୱାର୍ଡମେମ୍ବର ଘଟଣା ସମ୍ପର୍କରେ ବାମେବାରୀ ଥାନାରେ ଜଣାଇବା ପରେ ପୋଲିସ ମୃତଦେହ ଜବତ କରିଛି। ଏନେଇ ବାମେବାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ମହିଳା ଜଣଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ଅଟୋ-ଆମ୍ବୁଲାନ୍ସ ଧକ୍କା ମହିଳା ମୃତ, ୫ ଆହତ

ଆନନ୍ଦପୁର, ୯।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ସୀମାନ୍ତ ମୟୂରଭଞ୍ଜ ମହୁଲଡିହା ଥାନା ଜାମୁଦା ଛକଠାରେ ଶୁକ୍ରବାର ଏକ ଅଟୋ ଓ ଆମ୍ବୁଲାନ୍ସ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏଥିରେ ୫ ଜଣ ଆହତ ହୋଇଛନ୍ତି। ମୃତକ ହେଉଛନ୍ତି ଆନନ୍ଦପୁର ଥାନା କାଠକଟା ଗ୍ରାମର ରଜନୀ ହୋ(୧୭)। ଆହତଙ୍କ ମଧ୍ୟରୁ ତିନି ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅଟୋଟି କାଠକଟା ଗ୍ରାମରୁ ଗୟଲମୁଣ୍ଡା ଯାଉଥିବା ସମୟରେ ଠାକୁରମୁଣ୍ଡା ପାର୍ଶ୍ୱରୁ ଆନନ୍ଦପୁର ଅଭିମୁଖେ ଆସୁଥିବା ଆମ୍ବୁଲାନ୍ସ ସହ ଜାମୁଦା ଛକଠାରେ ଧକ୍କା ହୋଇଥିଲା।

### ଜରିମାନା ଦେଲେ ଗାଡ଼ି ମାଲିକ

ହାଟଡିହୀ, ୯।୧୧(ଡି.ଏନ.ଏ.): ହାଟଡିହୀ ତହସିଲ ଅଞ୍ଚଳରୁ ମୋରମ ଓ ବାଲି ଚାଲାଣ କରୁଥିବା ଗାଡି ମାଲିକଙ୍କଠାରୁ ୯୬ , ୪୨୦ ଟଙ୍କା ଜରିମାନା ଆଦାୟ ହୋଇଛି । ଅତିରିକ୍ତ ତହସିଲଦାର ଦୀପକ କୁମାର ଟେଟେ ଚଢାଉ କରି ମୋରମ ଓ ବାଲି ଗାଡିକୁ ଜବତ କରିଥିଲେ। ବାଲି ଗାଡିଠାରୁ ୨୦,୪୦୦ ଟଙ୍କା ଓ ମୋରମ ଗାଡିଠାରୁ ୫୦, ୮୪୦ ଟଙ୍କା ଆଦାୟ ହୋଇଛି ।

### ଏସଆଇ ବିଜୟଙ୍କୁ ସମ୍ବର୍ଦ୍ଧନା

ହାଟଡିହୀ,୯।୧୧(ଡି.ଏନ.ଏ.): ନନ୍ଦିପଦା ଥାନା ଏସଆଇ ବିଜୟ କୁମାର ମଲ୍ଲିକଙ୍କୁ ଜନକଲ୍ୟାଣ ସେବା ସଂସ୍ଥାନ ନାହା ତରଫରୁ ସମାଜସେବା ଓ ସାଙ୍ଗଠନିକ ଦକ୍ଷତା ପାଇଁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ସେବାର ମାନଦଣ୍ଡକୁ ଉଚିତ୍ ପୂର୍ବକ ଜଣେ ପୋଲିସ ଅଧିକାରୀ ଭାବେ ତୁଲାଇବା, ଦକ୍ଷ ରୂପକାର ପରି ନିଶ୍ୱାର୍ଥପର ତ୍ୟାଗ, ଅମାୟିକ ବ୍ୟବହାରରେ ଲୋକଙ୍କର ପ୍ରିୟଭାଜନ ହେବା ନାନା ଗୁଣରେ ଅଧିକାରୀ ଥିବା ପୋଲିସ ଅଧିକାରୀଙ୍କୁ ଆୟୋଜିତ ଏକ ସଭାରେ ସମ୍ବର୍ଦ୍ଧିତ କରାଯାଇଛି।

### ଗୁପ୍ତାଙ୍ଗ କାଟିବା ଘଟଣା ଗିରଫ ହେଲେ ମହିଳା

କେନ୍ଦୁଝର, ୯।୧୧(ସ୍ୱ.ପ୍ର.): ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ ଗୁରୁବାର ଅନୈତିକ ପ୍ରେମ ପାଇଁ ଜଣେ ମହିଳା ତାଙ୍କ ପୁରୁଷ ବନ୍ଧୁଙ୍କ ଗୁପ୍ତାଙ୍ଗକୁ କାଟି ଦେଇଥିଲେ। ଏହି ଘଟଣାରେ ହରିଚନ୍ଦନପୁର ଥାନା ପୋଲିସ ମହିଳାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗୁରୁତର ଅବସ୍ଥାରେ ପୁରୁଷ ବନ୍ଧୁ ରାଜେନ୍ଦ୍ର ନାୟକ କଟକରେ ଚିକିତ୍ସାଧୀନ ଅଛନ୍ତି। ପ୍ରେମଜନିତ କାରଣରୁ ଏଭଳି ଘଟଣା ଘଟିଥିବା ପ୍ରାଥମିକ ଦତନ୍ତରୁ ପୋଲିସ ଜାଣିବାକୁ ପାଇଛି।

### ଟଙ୍କା ହଡପ କରି ପୋଷ୍ଟ ମାଷ୍ଟର ଗିରଫ

ପାଟଣା, ୯।୧୧(ସ୍ୱ.ପ୍ର.): ପାଟଣା ଥାନା ଦମାହୁଦାର ଉପପୋଷ୍ଟ ମାଷ୍ଟରଙ୍କୁ ଠକେଇ ଓ ଅର୍ଥ ହଡ଼ପ ଅଭିଯୋଗରେ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ପୋଷ୍ଟ ମାଷ୍ଟର ହେଉଛନ୍ତି ଗୋଜାପଥର ଗ୍ରାମର ଜଗବନ୍ଧୁ ମହାନ୍ତ। ଘଟଗାଁ ଡାକ ଉପମଣ୍ଡଳ ନିରୀକ୍ଷକ ସମୀର ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ପାଟଣା ଥାନାରେ ଏକ ମାମଲା (ନଂ.୧୪୮/୧୮) ରୁଜୁ କରିଥିଲା। ଜମାକାରୀଙ୍କ ଟଙ୍କା ହଡପ ଓ ଠକେଇ ଅଭିଯୋଗରେ ଜଗବନ୍ଧୁଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ୨୦୧୭ରେ ଜଗବନ୍ଧୁ ୨ ଜଣ ଜମାକାରୀଙ୍କ ୪୯ ହଜାର ୫ଶହ ଟଙ୍କା ଆତ୍ମସାତ କରିଥିବା ଅଡ଼ିଟ ରିପୋର୍ଟରେ ଜଣା ପଡିଥିଲା। ବିଭାଗ ତରଫରୁ ଫେବ୍ରୁୟାରୀ ୨୦୧୭ରେ ନିଲମ୍ବନ କରାଯାଇଥିଲା।

# ନଦୀପଠାରୁ ବାଲି ଚୋରି

- ଝୁମ୍ପୁରାରେ ମାଫିଆ ରାଜ
- ଅଭିଯୋଗ ଶୁଣୁନି ବିଭାଗ
- ରାଜସ୍ୱ ନିରୀକ୍ଷକ ନୀରବ

ଝୁମ୍ପୁରା, ୯।୧୧(ଡି.ଏନ.ଏ.)

ଝୁମ୍ପୁରା ତହସିଲ ୬ଟି ରାଜସ୍ୱ ସର୍କଲର ଗ୍ରାମାଞ୍ଚଳରେ ଥିବା ନଦୀ ପଠା, ନାଳ ପଠା, ଗ୍ରାମ୍ୟ ହୁଡି ଗୁଡିକରୁ ବେଧଡ଼କ ଭାବେ ଲଘୁ ଖଣିଜ (ବାଲି, ପଥର, ମୋରମ) ଚୋରି ହେବାରେ ଲାଗିଛି। ପୁଣି ବାଲିବନ୍ଧ, ଗୁଣ୍ଡୁଣିଆଁ, ଉଖୁଣ୍ଡା ଭଳି କେତେକ ପଞ୍ଚାୟତରେ ବେନିୟମ ବାଲି ଡିପୋ କରାଯାଇଛି। ବାଲି ମାଫିଆମାନେ ନିଜର ବେପାର ପସରା ମେଲାଇ ଦେଇଛନ୍ତି। ଲିଜ ପାଇଁ ଚିହ୍ନଟ ହୋଇ ନ ଥିବା ନଦୀ, ନାଳରେ ଥିବା କ୍ୟାରି ଗୁଡିକରୁ ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାଲି ଉତ୍ତୋଳନ ଚାଲିଛି। ପ୍ରଭାଶାଳୀ ବ୍ୟକ୍ତି ବିଶେଷ, କେତେ ଜଣ ରାଜନେତାଙ୍କ ସମ୍ପର୍କୀୟ ବାଲି କାରବାରରେ ସମ୍ପୃକ୍ତ ରହିଛନ୍ତି। କେତେକ ରାଜସ୍ୱ ସର୍କଲରେ କର୍ମଚାରୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ଥିବା କୁହାଯାଇଛି।

ମଲଦା ରାଜସ୍ୱ ସର୍କଲ ବସନ୍ତପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ମୋରଡ଼ା (ନଦୀ) ପଠାରୁ ବାଲି ଚୋରା ଚାଲାଣ ହେଉଛି। ଦୀର୍ଘଦିନ ହେଲା ବାଲି ଚୋରାରେ ଚାଲାଣ ହେଉଛି। ବାଲି ଉତୋଳନ କରୁଥିବା ଶ୍ରମିକଙ୍କୁ ଅଳ୍ପ କିଛି ପାରିଶ୍ରମିକ ଦେଇ ମାଫିଆମାନେ ରାଜ ଚଳାଇ ବେଶ ଲାଭବାନ ହେଉଛନ୍ତି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ମଲଦା ରାଜସ୍ୱ ନିରୀକ୍ଷକଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଓଲଟି ଅଭିଯୋଗକାରୀଙ୍କ ନାମ ବାଲି ମାଫିଆମାନେ ଜାଣି ପାରୁଛନ୍ତି। ଗ୍ରାମବାସୀ ବାଲି ମାଫିଆଙ୍କର ଆକ୍ରୋଶର ଶିକାର ହେଉଛନ୍ତି। ମଲଦା ରାଜସ୍ୱ ନିରୀକ୍ଷକ ସୋନାଲି ସେଠୀଙ୍କୁ ପଚାରିବାରୁ କାମରେ ବ୍ୟସ୍ତ ଥିବାରୁ ଧ୍ୟାନ ଦିଆଯାଇ ପାରିନାହିଁ। ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ତହସିଲଦାର ଜନକ ନାୟକଙ୍କୁ ପଚାରିବାରୁ ସମ୍ପୃକ୍ତ ଅଞ୍ଚଳରେ ଚଢାଉ କରାଯିବ ବୋଲି ସେ କହିଛନ୍ତି।


ବାଲି ଟ୍ରାକ୍ଟରରେ ଚୋରାଚାଲାଣ କରାଯାଉଛି।

# ତେଜିଲା ଡାକ୍ତର-ପୋଲିସ କଳି

## ଡିଜିପିଙ୍କୁ ମୟୂରଭଞ୍ଜ ଆୟୁଷ ଡାକ୍ତର ସଂଘର ଚିଠି

ପାଟଣା, ୯।୧୧( ସ୍ୱ.ପ୍ର.)

ତୁରୁମୁଙ୍ଗା ପୋଲିସ ଗତ ମଙ୍ଗଳବାର ପୂର୍ବାହ୍ନରେ ୪୯ ନମ୍ବର ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ସମ୍ମୁଖରେ ମୋଟର ଯାନ ଯାଞ୍ଚ କରୁଥିଲା। ସେହି ସମୟରେ ଜଣେ ଆୟୁଷ ଡାକ୍ତର ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଏ ନେଇ କେନ୍ଦୁଝର ଜିଲାରେ ପୋଲିସର ଏତାଦୃଶ୍ୟ କାର୍ଯ୍ୟକଳାପ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଡାକ୍ତର ଓ ପୋଲିସ କଳି ତେଜିବାରେ ଲାଗିଛି।

ମୟୂରଭଞ୍ଜ ସିଙ୍ଗିଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ମହିଳା ଆୟୁଷ ଡାକ୍ତର ତାଙ୍କ ବାପଘର ତୁରୁମୁଙ୍ଗାକୁ ହିରୋ ପ୍ଲେଜରରେ ଫେରୁଥିଲେ। ସେହି ସମୟରେ ଯାନବାହନ ଯାଞ୍ଚ ହେଉଥିଲା। ପୋଲିସ ମାଡ଼ ମାରିବା ସହ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ ହୋଇଛି। ତୁରୁମୁଙ୍ଗା ପୋଲିସର ନିରପେକ୍ଷତା ଉପରେ ସନ୍ଦେହ ବ୍ୟକ୍ତ କରି ମୟୂରଭଞ୍ଜ ଆୟୁଷ ଡାକ୍ତର ସଙ୍ଘର ସଭାପତି ଯଯାତୀ କେଶରୀ ବେହେରା ଘଟଣାର ନିରପେକ୍ଷ ତଦନ୍ତ ସହ କ୍ଷମତାର ଅପବ୍ୟବହାର କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ମାଧ୍ୟମରେ ଡିଜିପିଙ୍କୁ ପତ୍ର ଲେଖିଛନ୍ତି।

# ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ

ଆନନ୍ଦପୁର, ୯।୧୧(ସ୍ୱ.ପ୍ର.)

ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ ନାହା ଗ୍ରାମରେ ନୂତନ ଭାବେ ଗଢି ଉଠିଥିବା ଜନ କଲ୍ୟାଣ ସେବା ସଂସ୍ଥାନ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ କ୍ରମଶଃ ଲୋକାଭିମୁଖୀ ହେବାରେ ଲାଗିଛି। ଇଂ. ଚନ୍ଦ୍ରମୌଳୀ ମହାନ୍ତିଙ୍କ ଉଦ୍ୟମକ୍ରମେ ଗ୍ରାମର ଯୁବକମାନଙ୍କୁ ନେଇ କରାଯାଉଥିବା ସେବାମୂଳକ କାର୍ଯ୍ୟ ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ଲୋକମାନଙ୍କୁ ବେଶ୍ ଉତ୍ସାହୀତ କରିଥିବା ଦେଖାଯାଇଛି। ସଂସ୍ଥାନ ଦ୍ୱାରା ତିନିଦିନ ଧରି ବିଭିନ୍ନ ସେବା କାର୍ଯ୍ୟ କରିବା ପରେ ଗ୍ରାମ ବିଦ୍ୟାଳୟ ନିକଟରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଇଂ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଦାଧର ରାଉତ, ସମ୍ମାନିତ ଅତିଥି ପୋଲିସ ଅଧିକାରୀ ବିଜୟ କୁମାର ମଲ୍ଲିକ, ସମାଜସେବୀ ବିରେନ୍ଦ୍ର କୁମାର ବିଶ୍ୱାଳ, ହାଟଡିହୀ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୁରେଶ ଚନ୍ଦ୍ର ଜେନା, ଶିକ୍ଷକ କୋଦଣ୍ଡଧର ମହାନ୍ତି, ଖବରଦାତା ସନ୍ତୋଷ କୁମାର ରାଉତ, କିଶୋର ଆଚାର୍ଯ୍ୟ ଯୋଗ ଦେଇଥିଲେ।


ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି।

ସଙ୍ଗଠନର ଏତାଦୃଶ କାର୍ଯ୍ୟକଳାପକୁ ଅତିଥିମାନେ ପ୍ରଶଂସା କରିବା ସହିତ ଆଗାମି ଦିନରେ ଏହି କାର୍ଯ୍ୟଧାରାକୁ ବଜାୟ ରଖି ରାଜ୍ୟ ତଥା ଦେଶମାତୃକାରେ ଉଦାହରଣ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ପରେ ସଙ୍ଗଠନ ତରଫରୁ ସମ୍ମାନିତ ଅତିଥିମାନଙ୍କୁ ସମାଜସେବା କ୍ଷେତ୍ରରେ ଅବଦାନ ପାଇଁ ମାନପତ୍ର ପ୍ରଦାନ କରାଯାଇଥିଲା। ଗ୍ରାମର କେତେକ ଅସହାୟ ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯିବା ସହିତ ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଇଂ ମିହିର ରାଉତ, ହରିହର ଯେନା, ପ୍ରଶାନ୍ତ ବେହେରା, ପ୍ରେମାନନ୍ଦ ରାଉତ, ଚନ୍ଦନ ଯେନା, ଶୁଭାଶିଷ ମହାନ୍ତି, ରାଜୁ ପଲତା, ରକ୍ଷାକର ପଲତା, ଶଙ୍କର୍ଷଣ ରାଉତ, ଜଗନ୍ନାଥ ରାଉତ, ସତ୍ୟବ୍ରତ ରାଉତ, ହରିଆ, ବିଜୁ, ସତ୍ୟବ୍ରତ ଯେନା, ଇଂ ସୃଷ୍ଟି ଦର୍ଶନ ସାମଲ, ଅଞ୍ଜନ ମହାନ୍ତି, ମୁନା ମହାନ୍ତି, ବିଭୁତି ମହାନ୍ତି, ସର୍ବେଶ୍ୱର ମହାନ୍ତି, ପଜେଶ ମହାନ୍ତି, ହେମାନନ୍ଦ ରାଉତ, ମୋହନ ସାହୁ, ମନୋଜ ବେହେରା, ଶ୍ୟାମ ସୁନ୍ଦର ରାଉତ, ଅରବିନ୍ଦ ମହାନ୍ତି, ଦେବୀଦତ ମହାନ୍ତି, ପ୍ରକାଶ ମହାନ୍ତି, ବିଭୁତି ମହାନ୍ତି, ଆଶୁତୋଷ ରାଉତ, ଅଞ୍ଜନ ଯେନା, ବିବେକାନନ୍ଦ ପ୍ରମୁଖ ସଙ୍ଗଠନ ସଦସ୍ୟ ଓ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ।

## ଚିନ୍ମୟଙ୍କୁ ସିଲଭର ପ୍ଲେ ବଟନ ପୁରସ୍କାର

କେନ୍ଦୁଝର, ୯।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଚିନ୍ମୟ ଜେନାଙ୍କୁ ୟୁଟ୍ୟୁବ ତରଫରୁ ସିଲଭର ପ୍ଲେ ବଟନ ପୁରସ୍କାର ମିଳିଛି। ଦଶ ମାସ ମଧ୍ୟରେ ତାଙ୍କର ସବସ୍କ୍ରାଇବର ସଂଖ୍ୟା ୧.୮ ଲକ୍ଷ ହୋଇଥିବାରୁ ୟୁଟ୍ୟୁବ ତରଫରୁ ଏଭଳି ସମ୍ମାନ ପାଇଥିବା ସେ କହିଛନ୍ତି। ନିଜର ଉଦ୍ୟମ ବଳରେ ୟୁଟ୍ୟୁବରେ ନିଜର ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ମୋଟିଭେସନାଲ ଓଡ଼ିଆ ଚ୍ୟାନେଲକୁ ବହୁ ଆଗକୁ ନେଇ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟୀ ରଖିଛନ୍ତି। ଚିନ୍ମୟଙ୍କ ଘର ସଦର ବ୍ଲକ ବାଲିଆଗୋଡା ଗ୍ରାମ ବୋଲି ଜଣାପଡିଛି। ତାଙ୍କ ବାପା ବାଣେଶ୍ୱର ଜେନା ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ। ତାଙ୍କର ଏଭଳି ରେକର୍ଡ ଆଜିକାର ଯୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛି। ଶିକ୍ଷା ଭିତ୍ତିକ କାର୍ଯ୍ୟକ୍ରମ ମୋଟିଭେସନାଲ ଚ୍ୟାନେଲ କରି ଲୋକଙ୍କୁ କିଛି ଶିକ୍ଷା ଦାନ କରିବା ସହ ନିଜେ କିଛି କରିବାର ସ୍ୱପ୍ନ ଦେଖିଥିଲେ। ଯାହାକି ପୂରଣ ହେବାକୁ ବସିଥିବା ସେ କହିଛନ୍ତି। ତାଙ୍କର ଏଭଳି ସଫଳତା ପାଇଁ ପରିବାର ବର୍ଗ ଓ ସାଙ୍ଗମାନଙ୍କୁ ଶ୍ରେୟ ଦେଇଛନ୍ତି। ଚିନ୍ମୟ ପାଇଁ ଆଜି ସମସ୍ତେ ଗର୍ବିତ ଓ ସେ ସମସ୍ତଙ୍କ ପାଇଁ ପାଲଟିଛନ୍ତି ପ୍ରେରଣାର ଦିଗଦର୍ଶକ ବୋଲି ଯୁବ ସାମାଜିକକର୍ମୀ ବ୍ରଜକିଶୋର ରାୟ କହିଛନ୍ତି।

# ଜାତୀୟ ଆଇନ ସେବା ଦିବସ



ସଚେତନତା ରାଲିରେ ଛାତ୍ରଙ୍କ ସହ ଅନ୍ୟମାନେ।

ଚମ୍ପୁଆ, ୯।୧୧(ଡି.ଏନ.ଏ.)

ଚମ୍ପୁଆ ତାଲୁକ ଆଇନ ସେବା କମିଟି ପକ୍ଷରୁ ସିବିଲ କୋର୍ଟ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଆଇନ ସହାତା ପାଇବା ଲାଗି କେଉଁମାନେ ଯୋଗ୍ୟ ବିବେଚିତ ହେବେ, ମାଗଣା ଆଇନ ସେବା ପାଇବା ଲାଗି କେଉଁଠାକୁ ଯିବାକୁ ହେବ, ଲୋକ ଅଦାଲତ କ'ଣ, ନିଷ୍ଶୁଳ ଆଇନ ସେବା ପାଇଁ ହେଲ୍ପଲାଇନ ନଂ.୧୫୧୬ ମାଧ୍ୟମରେ ଯୋଗାଯୋଗ କରିବା ଆଦି ଏହି ଦିବସର ଉଦ୍ଦେଶ୍ୟ ବୋଲି କୁହାଯାଇଥିଲା।

ଜନସାଧାରଙ୍କୁ ସଚେତନ କରିବା ପାଇଁ ତାଲୁକ ଆଇନ ସେବା କମିଟି ପକ୍ଷରୁ ମହତାବ ଉଚ୍ଚ ବିଦ୍ୟାଳୟର ଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ହୋଇଥିଲା। ଏ ନେଇ ଚମ୍ପୁଆ ନଗର ପରିକ୍ରମା କରାଯାଇଥିଲା। ପରେ କୋର୍ଟ ପରିସରରେ ରାଲି ପହଞ୍ଚିବା ପରେ ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟି ପ୍ରମୁଖ ଡ. ପବିତ୍ର ମୋହନ ସାମଲ ଏହାକୁ ସ୍ୱାଗତ କରିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ, ତାଲୁକ ଆଇନ ସେବା କମିଟି ସ୍ୱେଚ୍ଛାସେବୀ, ଆଇନଜୀବୀଙ୍କୁ ନେଇ ଏକ ସଭା କାର୍ଯ୍ୟ କୋର୍ଟ ସଭା ଗୃହଠାରେ ଅନୁଷ୍ଠିତ ହୋଇଥିଲା। ତାଲୁକ ଆଇନ ସେବା ସମ୍ପର୍କରେ ଡ. ସାମଲ, ଏସଡିଜିଏମ ସ୍ୱୟଂପ୍ରଭା ଆଚାର୍ଯ୍ୟ, ରଞ୍ଜୁଲତା ଲେଙ୍କା ପ୍ରମୁଖ ସୂଚନା ପ୍ରଦାନ କରିଥିଲେ।

# କେନ୍ଦୁଝରରେ 'ଓଲି'କୁ ସ୍ୱାଗତ, ସମ୍ବର୍ଦ୍ଧନା

କେନ୍ଦୁଝର, ୯।୧୧(ସ୍ୱ.ପ୍ର.)

ଗୌରବମୟ ଓଡ଼ିଶା ହକି ବିଶ୍ୱକପ୍ର ମାସ୍କଟ 'ଓଲି'କୁ କେନ୍ଦୁଝର ଜିଲାରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ମିଳିଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟିର ଅଧ୍ୟକ୍ଷ ହୃଷିକେଶ ନାଏକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାମରାଇ ମୁଣ୍ଡୁୟା, ଲୋକସଭା ଏମପି ଶକୁନ୍ତଳା ଲାଗୁରୀ, ଜିଲାପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପି.କେ ପରିଡ଼ାଙ୍କ ସମେତ


ଓଲିକୁ ଶୋଭାଯାତ୍ରାରେ ନିଆଯାଉଛି।

ଜିଲାର ବିଭିନ୍ନ ବର୍ଗର ଜନସାଧାରଣଙ୍କ ତରଫରୁ 'ଓଲି'କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଲୋକ ନୃତ୍ୟ, ଓ ଆନନ୍ଦ ଉଲ୍ଲାସର ମାହୋଲ ଭିତରେ ମାସ୍କଟ 'ଓଲି' ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲା। ହକି ବିଶ୍ୱକପ୍ ପାଇଁ ସମସ୍ତେ ନିଜର ହୃତ୍ସ୍ପନ୍ଦନ ଦେବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସମ୍ବର୍ଦ୍ଧନା ସମାରୋହର ସଂଯୋଜନା କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ସମ୍ବର୍ଦ୍ଧନା ସମାରୋହ ଆୟୋଜନ ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଛାତ୍ରୀଛାତ୍ର, ଶିକ୍ଷାବିତ୍, ବିଜୁ ଯୁବ ବାହିନୀ, କଳାକାର, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଜନସାଧାରଣ ଅଂଶଗ୍ରହଣ କରିଥିଲେ।

## ଗଣ୍ଡଗୋଳ ଜଣେ ଆହତ

ହାଟଡିହୀ, ୯।୧୧(ଡି.ଏନ.ଏ.)

ନନ୍ଦିପଦା ଥାନା ଗେଡମା ପଞ୍ଚାୟତ ଶାହାପୁର ଗ୍ରାମରେ ବିଲକୁ ପାଣି ଛାଡିବାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଆହତ ଜଣକ ହେଉଛନ୍ତି ବଳରାମ ସେଠୀ। ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଲରୁ ପାଣି ହାଣିବାକୁ ନେଇ ବଳରାମ ସେଠୀ ଓ ଗୋଲଖ ସେଠୀଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ଦତନ୍ତ କରୁଛି।

# ସ୍କାଉଟ୍ସ, ଗାଇଡ୍ସଙ୍କ ଶୋଭାଯାତ୍ରା



ସ୍କାଉଟ୍ସ ଓ ଗାଇଡ୍ସ ଶୋଭାଯାତ୍ରାରେ ବାହାରିଛନ୍ତି।

କେନ୍ଦୁଝର, ୯।୧୧(ସ୍ୱ.ପ୍ର.)

ସ୍ଥାନୀୟ ଡିଏନ ହାଇସ୍କୁଲ ପରିସରରେ ଗୁରୁବାର ଭାରତୀୟ ସ୍କାଉଟ ଓ ଗାଇଡର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍କାଉଟ୍ସ ମାଷ୍ଟର ବିଜୟ ବେହେରାଙ୍କ ତତ୍ତ୍ୱାବଧାନରେ ୩୨ ସ୍କାଉଟ୍ସ ଓ ୨୦ ଗାଇଡ୍ସ ଯୋଗଦେଇ ଏକ ଶାନ୍ତି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଅସବରରେ ଜୀବନରେ ଶୃଙ୍ଖଳିତ, କର୍ତ୍ତବ୍ୟନିଷ୍ଠା ତଥା ସେବା ମନଭାବ ରଖି କାର୍ଯ୍ୟକରିବାକୁ ଜିଲା ସ୍କାଉଟ୍ସ ଓ ଗାଇଡ୍ସର ସମ୍ପାଦକ ସର୍ଦ୍ଦାର ବାରିକ ଉପଦେଶ ଦେଇଥିଲେ। ଏହି ଅବସରରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିବେଶ ସୁରକ୍ଷା କରିବା ସହ ବୃକ୍ଷରୋପଣ ଉପରେ ସଚେତନତା ସୃଷ୍ଟି କରିଥିଲେ।

# ୧୦ ଫୁଟର ଅଜଗର ଉଦ୍ଧାର


ଉଦ୍ଧାର ୧୦ ଫୁଟର ଅଜଗର।

ଆନନ୍ଦପୁର, ୯।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ କେନ୍ଦୁଖୁଣ୍ଟା ତାରିଣୀ ମନ୍ଦିର ନିକଟରୁ ଏକ ୧୦ ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ଗ୍ରାମର ପିଲାମାନେ ପଡ଼ିଆରେ ଖେଳୁଥିବା ସମୟରେ ସାପକୁ ଦେଖିବାକୁ ପାଇଥିଲେ। ପରେ ଗ୍ରାମର ବୁଲୁ ସାହୁ, ଲିଟୁ ରାଉତ, ବୁବୁ ବେହେରା, ଲକି ରାଉତ ପ୍ରମୁଖ ଗ୍ରାମର ସରପଞ୍ଚ ବଳରାମ ବେହେରାଙ୍କୁ ସୂଚନା ଦେଇଥିଲେ। ପରେ ଲୋକେ ରୁଣ୍ଡିଭୂତ ହୋଇ ସାପକୁ କାବୁ କରିବା ସହ ସ୍ନେକ୍ ହେଲ୍ପ ଲାଇନ୍ ସଦସ୍ୟ ରମାକାନ୍ତ ମହାନ୍ତି, ମଣିଭଦ୍ର ମଲ୍ଲିକ ସାପକୁ ଧରି ରେଞ୍ଜ କାର୍ଯ୍ୟାଳୟରେ ଓଜନ ଓ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଛଡାଯାଇଥିଲା।

# ସବୁଆଡେ କୁଢ଼କୁଢ଼ ଆବର୍ଜନା

- ସ୍ୱଚ୍ଛ ଭାରତ ଅଭିଯାନ ପ୍ରହସନ
- ପୌରପାଳିକାର ତଦାରଖ ଅଭାବ
- ସୃଷ୍ଟି ହେଉଛି ଅସ୍ୱାସ୍ଥ୍ୟକର ପରିବେଶ

କେନ୍ଦୁଝର, ୯।୧୧(ସ୍ୱ.ପ୍ର.)

କେନ୍ଦୁଝର ସହରସାରା କୁଢ଼କୁଢ଼ ଆବର୍ଜନା ପଡ଼ି ରହିଛି। ଆବର୍ଜନା ସଫେଇ ପାଇଁ ପୌରପାଳିକା ପକ୍ଷରୁ ବହୁ ଟଙ୍କା ଖର୍ଚ୍ଚ ହେଉଛି। ଉପଯୁକ୍ତ ତଦାରଖ କରାଯାଉନି। ବ୍ୟାପକ ଦୁର୍ନୀତି ଯୋଗୁଁ ସଫେଇ କାର୍ଯ୍ୟ ଠିକ ଭାବରେ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ରାସ୍ତାକଡ଼ରେ ମଇଳା ଜମା ହୋଇ ରହୁଛି। ଫଳରେ ଅସ୍ୱାସ୍ଥ୍ୟକର ପରିବବେଶରେ ଲୋକେ ଯାତାୟାତ କରୁଛନ୍ତି। ଉକ୍ତ ମଇଳା ଆବର୍ଜନାରେ ବସି ବେପାରୀ ବା ବନବାସୀ ସେମାନଙ୍କ ସାମଗ୍ରୀ ବିକ୍ରିବଟା କରୁଛନ୍ତି। ସହରରେ ସ୍ୱଚ୍ଛ ଭାରତ ଅଭିଯାନ ପ୍ରହସନରେ ପରିଣତ ହୋଇଛି ବୋଲି ସଚେତନ ନାଗରିକମାନେ ମତବ୍ୟକ୍ତ କରୁଛନ୍ତି।

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବିଭିନ ସ୍ଥାନରେ ଡଷ୍ଟବିନ ସ୍ଥାପନା କରାଯାଇଛି। ସଫା ହେଉ ନ ଥିବାରୁ ଆବର୍ଜନାରେ ଡଷ୍ଟବିନ ପୂର୍ଣ୍ଣହୋଇ ବାହାରେ ପଡୁଛି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବାରୁ ଅସନ୍ତୋଷ ବଢୁଛି। ଏଭଳି କଲେଜରୋଡ୍ ସମେତ ଅନ୍ୟ ସ୍ଥାନରେ ଦୃଶ୍ୟ ଦେଖିବାକୁ ମିଳୁଛି। ନିମ୍ନମାନର ଡଷ୍ଟବିନ କିଣାଯାଇଥିବାରୁ ଅନେକ ସ୍ଥାନରେ ଠିକ ଭାବରେ ଘଡୋଣୀ ଲାଗୁନାହିଁ। ତାହା ଭଙ୍ଗିଗଲାଣି। ଏ ନେଇ ପୌର ପ୍ରଶାସନର ଦୃଷ୍ଟି ପଡୁନାହିଁ। ଡେଲି ମାର୍କେଟ ନିକଟ ଓ ପଛପାଖ ରାସ୍ତାରେ ଆବର୍ଜନା ଜମା ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଉକ୍ତ ରାସ୍ତାରେ ବହୁ ଲୋକ ଓ ବେପାରୀ ଯାତାୟତ କରୁଥିଲେ ସଫା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଲୋକେ ନାକ ଚିପି ଧରି ଯାତାୟାତ କରୁଛନ୍ତି। ସହରର ମୁଖ୍ୟ ରାସ୍ତାର ଅବସ୍ଥା ଏପରି ହୋଇଥିବା ବେଳେ ୱାର୍ଡରେ ଅବସ୍ଥା କିପରି ତାହା ବେଶ ଅନୁମାନ କରିହେବ ବୋଲି ମତପ୍ରକାଶ ପାଉଛି।


ଭାଙ୍ଗି ଯାଇଛି ଡଷ୍ଟବିନ ବାହାରେ ପଡ଼ିଥିବା ଆବର୍ଜନା।